

ରାଜସ୍ଥାନର ବିକାନେରରେ ଲୋକ ସଭା ନିର୍ବାଚନରେ ମତଦାନ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ମହିଳା ସ୍ୱେଚ୍ଛାସେବୀ।



ବିହାରର ମୁଜାଫରପୁରରେ ଏକ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

■ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ: ମଇଦାନରେ ୧୮୪ କୋଟିପତି

# ପୁନମ୍ ସିହ୍ନା ସବୁଠୁ ଧନୀ

ନୂଆଦିଲ୍ଲୀ,୩୦।୪(ପି.ଟି.)

ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସବୁଠୁ ଧନୀ ହେଉଛନ୍ତି ଲକ୍ଷ୍ନୌ ଲୋକ ସଭା ଆସନର ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରାର୍ଥୀ ପୁନମ୍ ସିହ୍ନା। ପୁନମଙ୍କ ସମ୍ପତ୍ତି ୧୯୩ କୋଟି ଟଙ୍କା ବୋଲି ନିର୍ବାଚନ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ନ୍ୟାଶନାଲ ଇଲେକ୍ସନ୍ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ମେ ୬ରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୭ ରାଜ୍ୟର ଯେଉଁ ୫୧ ଆସନରେ ମତଦାନ ହେବ ସେଗୁଡ଼ିକ ହେଲା ବିହାର (୫), ଜମ୍ମୁ ଓ କଶ୍ମୀର (୨), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୭), ରାଜସ୍ଥାନ (୧୨), ୟୁପି (୧୪) ଓ ପଶ୍ଚିମବଙ୍ଗ (୭)। ଏହି ପର୍ଯ୍ୟାୟରେ ମୋଟ ୬୭୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। ସେମାନଙ୍କ ମଧ୍ୟରୁ କଂଗ୍ରେସ ନେତା ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ଲକ୍ଷ୍ନୌ ଆସନରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବିରୋଧରେ ମହାମେଣ୍ଟ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୯୩ କୋଟିର ମାଲିକାଣୀ ପୁନମ ସବୁଠୁ ଧନୀ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ତଳକୁ ଅଛନ୍ତି ୟୁପି ସୀତାପୁରର ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ପ୍ରାର୍ଥୀ ବିଜୟ କୁମାର ମିଶ୍ର, ଯାହାଙ୍କ ସମ୍ପତ୍ତି ୧୭୭ କୋଟି ଟଙ୍କା। ତୃତୀୟରେ ଝାଡ଼ଖଣ୍ଡ ହଜାରିବାଗର ଭାଜପା ପ୍ରାର୍ଥୀ ଜୟନ୍ତ ସିହ୍ନା। କେନ୍ଦ୍ରମନ୍ତ୍ରୀ ସିହ୍ନାଙ୍କ ସମ୍ପତ୍ତିର ମୂଲ୍ୟ ୭୭ କୋଟି ଟଙ୍କା। ମଇଦାନରେ ଏପରି ୩ ଜଣ ପ୍ରାର୍ଥୀ ଅଛନ୍ତି, ଯାହାଙ୍କ ନିକଟରେ କିଛି ସମ୍ପତ୍ତି ନାହିଁ ବୋଲି ସେମାନେ ନାମାଙ୍କନପତ୍ର ଦାଖଲ ବେଳେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏନ୍‌ଇଡବ୍ଲ୍ୟୁ ଏବଂ ଏଡିଆର୍ ଅନୁସାରେ ଏଭଳି ୧୮୪ ପ୍ରାର୍ଥୀ ରହିଛନ୍ତି, ଯାହାଙ୍କ ସମ୍ପତ୍ତି ୧ କୋଟି କିମ୍ବା ତଦୂର୍ଦ୍ଧ୍ୱ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାଜପାର। ଏହି ଦଳର ୪୮ ପ୍ରାର୍ଥୀଙ୍କ ମଧ୍ୟରୁ ୩୮ କୋଟିପତି। ସେହିପରି କଂଗ୍ରେସର ୪୫ରୁ ୩୨, ବିଏସ୍‌ପିର ୩୩ରୁ ୧୭, ଏସ୍‌ପିର ୯ରୁ ୮ଏବଂ ସ୍ୱାଧୀନ ୨୫୨ରୁ ୩୧ ପ୍ରାର୍ଥୀ ନିଜକୁ କୋଟିପତି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଅର୍ଥାତ୍ ଏହି ପର୍ଯ୍ୟାୟର ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨.୫୭ କୋଟି ଟଙ୍କା। ୨୬୪ ଜଣ ପ୍ରାର୍ଥୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ବୋଲି ସ୍ୱୀକାର କରିଛନ୍ତି। ୩୪୮ ପ୍ରାର୍ଥୀ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ପାଠ ପଢ଼ିଛନ୍ତି। ୪୩ ପ୍ରାର୍ଥୀ ନାମକୁ ମାତ୍ର ସାକ୍ଷର ହୋଇଥିବାବେଳେ ୬ ଜଣ ନିରକ୍ଷର ବୋଲି ସେମାନଙ୍କ ସତ୍ୟପାଠ ବିଶ୍ଳେଷଣ କରିବା ପରେ ଜଣାପଡ଼ିଛି।



## ୱାର୍ଦ୍ଧା ଭାଷଣ: ପ୍ରଧାନମନ୍ତ୍ରୀଙ୍କୁ ଇସିଙ୍କ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୩୦।୪(ପି.ଟି.): ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ନଥିବା ନିର୍ବାଚନ କମିଶନ (ଇସି) ମଙ୍ଗଳବାର କହିଛନ୍ତି। ଅଧିକାଂଶ ନିର୍ବାଚନ ମଣ୍ଡଳୀ ଯେଉଁଠି ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ(ହିନ୍ଦୁ) ଜନସଂଖ୍ୟା ଅଧିକ ସେଠାରେ ବିରୋଧୀ ଦଳ ନିର୍ବାଚନ ଲଢ଼ିବାକୁ ଭୟ କରୁଛନ୍ତି। ଜଣେ ନେତା ସଂଖ୍ୟାଲଘୁ ବହୁଳ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ତାହାର ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ ଏପ୍ରିଲ ୧ରେ ୱାର୍ଦ୍ଧା ସଭାରେ କହିଥିଲେ। ଅମେଠି ସମେତ କେରଳର ୱାୟାନଡ୍‌ରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଲାଭଳି ଲାଗୁଥିଲା। ଏହା ବିରୋଧରେ କଂଗ୍ରେସ ନିର୍ବାଚନ କମିଶନଙ୍କଠାରେ ଅଭିଯୋଗ କରିଥିଲା। ପ୍ରଧାନମନ୍ତ୍ରୀ ନିର୍ବାଚନୀ ଫାଇଦା ପାଇଁ ଘୃଣାର ପ୍ରସାର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଦର୍ଶାଯାଇଥିଲା।

# ମୋଦିଙ୍କ ପ୍ରାର୍ଥିପତ୍ର ରଦ୍ଦ ଦାବି

କୋଲକାତା/ଲକ୍ଷ୍ନୌ,୩୦।୪

**'ସମ୍ପର୍କରେ ୪୦ ବିଧାୟକ' ମନ୍ତବ୍ୟ**

- ■ମମତା ଆଣିଲେ ଘୋଡ଼ାବେପାର ଅଭିଯୋଗ
- ■କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନଙ୍କୁ ଚିଠି ଲେଖିଲା ଟିଏମ୍‌ସି
- ■ପ୍ରଧାନମନ୍ତ୍ରୀଙ୍କ ପ୍ରଚାର ଉପରେ ୭୨ ବର୍ଷ କଟକଣା ଜାରି ହେଉ: ଅଖିଳେଶ



ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୪୦ ବିଧାୟକ ଆମ ସହ ସମ୍ପର୍କରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରିବାର ଦିନକ ପରେ ତାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମୋଦି ଘୋଡ଼ାବେପାରରେ ସମ୍ପୃକ୍ତ। ତେଣୁ ତାଙ୍କ ପ୍ରାର୍ଥିତ୍ୱ ରଦ୍ଦ କରାଯାଉ ବୋଲି ଟିଏମ୍‌ସି ସୁପ୍ରିମୋ ଦାବି କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ପ୍ରଚାର ଉପରେ ନିର୍ବାଚନ କମିଶନ (ଇସି) ୭୨ ବର୍ଷ କଟକଣା ଜାରି କରିବା ଉଚିତ ବୋଲି ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସୋମବାର ପଶ୍ଚିମବଙ୍ଗସ୍ଥିତ ଶ୍ରୀରାମପୁରର ଏକ ସଭାରେ ମମତାଙ୍କୁ ଟାର୍ଗେଟ କରି କହିଥିଲେ, ଟିଏମ୍‌ସିର ୪୦ ବିଧାୟକ ଆମ ସହ ସମ୍ପର୍କରେ ଅଛନ୍ତି, ଯେଉଁମାନେ ମେ ୨୩ରେ ଫଳାଫଳ ଆସିବା ପରେ ଦଳବଦଳ କରି ଭାଜପାକୁ ଆସିଯିବେ। ଏହାକୁ ନେଇ ହୁଗୁଳିରେ ମଙ୍ଗଳବାର ମମତା କହିଛନ୍ତି, ମୋଦି ଏକ ସାମ୍ବିଧାନିକ ପଦରେ ଥାଇ ଅସାମ୍ବିଧାନିକ କାର୍ଯ୍ୟ କରୁଛନ୍ତି। ଦେଶର ପ୍ରଧାନମନ୍ତ୍ରୀ ହେବା ଅଧିକାର ତାଙ୍କର ନାହିଁ। ତାଙ୍କର ନାମାଙ୍କନପତ୍ର ଖାରଜ କରାଯାଉ। ସେ ପ୍ରଥମେ ଦିଲ୍ଲୀକୁ ଜଗନ୍ତୁ ତା'ପରେ ପଶ୍ଚିମବଙ୍ଗର ବିଧାୟକଙ୍କୁ କିଣିବେ ବୋଲି ମମତା ସମାଲୋଚନା କରିଛନ୍ତି। ସେହିପରି ମୋଦିଙ୍କ ମନ୍ତବ୍ୟ ଉତ୍ତେଜକ ଓ ଅଗଣତାନ୍ତ୍ରିକ। ମୋଦି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦର୍ଶାଇ ତାଙ୍କ ପ୍ରାର୍ଥିପତ୍ର ରଦ୍ଦ ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିକରି ଇସିଙ୍କ ନିକଟକୁ ପତ୍ର ଲେଖିଛି ଟିଏମ୍‌ସି। ସେହିପରି ଏସ୍‌ପି ଅଧକ୍ଷ ଅଖିଳେଶ କହିଛନ୍ତି, ମୋଦିଙ୍କ ମନ୍ତବ୍ୟ ଲଜ୍ଜାଜନକ। ୧୨୫ କୋଟି ଭାରତୀୟଙ୍କ ଆସ୍ଥା ହରାଇବା ପରେ ପ୍ରଧାନମନ୍ତ୍ରୀ ଏବେ ଅନୈତିକ ଉପାୟରେ ୪୦ ବିଧାୟକଙ୍କ ଦଳବଦଳ ଉପରେ ବିଶ୍ୱାସ କରୁଛନ୍ତି। ଏହା ତାଙ୍କର କଳାଧନ ମାନସିକତା। ମୋଦିଙ୍କ ନିର୍ବାଚନ ପ୍ରଚାର ଉପରେ ୭୨ ଘଣ୍ଟା ନୁହେଁ, ୭୨ ବର୍ଷ ଧରି କଟକଣା ଜାରି କରାଯିବା ଉଚିତ ବୋଲି ଅଖିଳେଶ ଟୁଇଟ୍ କରିଛନ୍ତି।




■ ମୋଦି, ଶାହଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ଚେନ୍ନାଇ,୩୦।୪(ପି.ଟି.):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ମୋଦି ଏବଂ ଶାହ ଘୃଣିତ ଭାଷଣ ଦେବା ସହ ଦେଶର ସୈନ୍ୟବାହିନୀକୁ ରାଜନୈତିକ ପ୍ରଚାରରେ ବ୍ୟବହାର କରି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ସିଲଚର୍ ଏମ୍‌ପି ତଥା ମହିଳା କଂଗ୍ରେସ ସଭାପତି ସୁସ୍ମିତା ଦେବ୍ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଭାଜପାର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କଲେ ଇସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହା ଗୁରୁତର ପକ୍ଷପାତ ଏବଂ ନିର୍ବାଚନ ପ୍ରକ୍ରିୟାର ସାଧୁତାକୁ ନଷ୍ଟ କରୁଛି ବୋଲି ଦେବ୍ ତାଙ୍କ ପିଟିଶନରେ ଦର୍ଶାଇଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଏସ.କେ. କୌଲ୍ ଏବଂ କେ.ଏମ୍ ଯୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଉପରେ ନିର୍ଦ୍ଦେଶ ଜାରି କରିବା କ୍ଷମତା ଇସିଙ୍କର ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାରକୁ ଧାର୍ଯ୍ୟ କରାଯାଇଛି।

■ ଆଜମ୍ ଖାନ୍‌ଙ୍କ ଉପରେ ପୁଣି ଅଙ୍କୁଶ

# ୪୮ ଘଣ୍ଟା ପ୍ରଚାର ମନା

ନୂଆଦିଲ୍ଲୀ,୩୦।୪(ପି.ଟି.)



ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ଆଜମ୍ ଖାନ୍‌ଙ୍କ ନିର୍ବାଚନୀ ପ୍ରଚାର ଉପରେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ପୁଣିଥରେ ୪୮ ଘଣ୍ଟିଆ କଟକଣା ଜାରି କରିଛନ୍ତି। ଫଳରେ ଆଜମ୍ ବୁଧବାର ସକାଳ ୬ଟାରୁ ୪୮ ଘଣ୍ଟା ଧରି ପ୍ରଚାର କରିପାରିବେ ନାହିଁ। ସ୍ଥାନୀୟ ନିର୍ବାଚନ ଅଧିକାରୀମାନଙ୍କ ବିରୋଧରେ ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିବାରୁ ଇସି ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହା ପୂର୍ବରୁ ଆଜମ୍ ରାମପୁରର ଭାଜପା ପ୍ରାର୍ଥୀ ତଥା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜୟପ୍ରଦାଙ୍କ ବିରୋଧରେ 'ଖାକି ଅଣ୍ଡରୱେର' ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ନିର୍ବାଚନ କମିଶନ ଆଜମ୍‌ଙ୍କୁ ୭୨ ଘଣ୍ଟା ପାଇଁ ପ୍ରଚାରରୁ ବାରଣ କରିଥିଲେ।

## କମଲନାଥଙ୍କୁ ମାୟାବତୀଙ୍କ ସମର୍ଥନ ପ୍ରତ୍ୟାହାର ଧମକ



ଭୋପାଳ,୩୦।୪

ମଧ୍ୟପ୍ରଦେଶର କମଲନାଥ ସରକାରଙ୍କୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ସମର୍ଥନ ପ୍ରତ୍ୟାହାର ଧମକ ଦେଇଛନ୍ତି। ଗୁନା ଆସନରୁ ଏସ୍‌ପି-ବିଏସ୍‌ପି ପ୍ରାର୍ଥୀ ହୋଇଥିବା ଲୋକେନ୍ଦ୍ର ସିଂ ରାଜପୁତ କଂଗ୍ରେସରେ ଯୋଗଦେଇ କଂଗ୍ରେସ ପ୍ରାର୍ଥୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ଏହାକୁ ନେଇ ସୁପ୍ରିମୋ ମାୟାବତୀ କହିଛନ୍ତି, ବିଏସ୍‌ପି ପ୍ରାର୍ଥୀଙ୍କୁ ଧମକ ଦେଇ ପ୍ରତିଦ୍ୱନ୍ଦ୍ୱିତାରୁ ହଟାଇଦିଆଯାଇଛି। ମଧ୍ୟପ୍ରଦେଶର କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ସମର୍ଥନ ନେଇ ପୁନଃ ସମୀକ୍ଷା କରାଯିବ। ପ୍ରକାଶଥାଉ କି, ୨୩୦ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସର ୧୧୪ ବିଧାୟକ ଥିଲାବେଳେ ଭାଜପାର ୧୦୯, ବିଏସ୍‌ପିର ୨ ଓ ଏସ୍‌ପିର ୧ ଓ ସ୍ୱାଧୀନ ୪ ବିଧାୟକ ଅଛନ୍ତି।

■ ବ୍ରିଟିଶ ନାଗରିକତ୍ୱ ପ୍ରସଙ୍ଗ: ଅଭିଯୋଗକୁ କଂଗ୍ରେସର ଖଣ୍ଡନ

# ରାହୁଲଙ୍କ ସ୍ପଷ୍ଟୀକରଣ ଲୋଡ଼ିଲା କେନ୍ଦ୍ର

ନୂଆଦିଲ୍ଲୀ,୩୦।୪(ପି.ଟି.)

କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନାଗରିକତ୍ୱ ବିବାଦ ତେଜିବାରେ ଲାଗିଛି। ସେ ବ୍ରିଟେନ ନାଗରିକ ବୋଲି ଅଭିଯୋଗ ଆସିବା ପରେ ଏନେଇ ରାହୁଲଙ୍କ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ରାହୁଲ ୧୪ ଦିନ ମଧ୍ୟରେ ନିଜ ନାଗରିତ୍ୱ ସମ୍ପର୍କରେ ସ୍ପଷ୍ଟ କରନ୍ତୁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଛି।

ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଭିଯୋଗ ଆଣିଥିଲେ ଯେ, ରାହୁଲ ବ୍ରିଟେନର ବ୍ୟାକୋପ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ ଓ ସେକ୍ରେଟାରୀ ଭାବେ କାର୍ଯ୍ୟକରିଛନ୍ତି। ଉକ୍ତ କମ୍ପାନୀ ୨୦୦୩ରୁ ବ୍ରିଟେନରେ ପଞ୍ଜୀକୃତ ହୋଇଛି। ହାମ୍ପଶାୟରସ୍ଥିତ ୱିନ୍‌ଚେଷ୍ଟର, ୫୧ ସାଉଥ୍‌ଗେଟ୍ ଷ୍ଟ୍ରିଟ୍ ଠିକଣାରେ ଏହା ଅବସ୍ଥିତ। ୨୦୦୫ ଅକ୍ଟୋବର ୧୦ରୁ ୨୦୦୬ ଅକ୍ଟୋବର ୩୧ ମଧ୍ୟରେ କମ୍ପାନୀର ବାର୍ଷିକ ରିଟର୍ନରେ ରାହୁଲଙ୍କ ଜନ୍ମଦିନ ୧୯୭୦ ଜୁନ୍ ୧୯ ବୋଲି ଉଲ୍ଲେଖ ଅଛି। ରାହୁଲ ଏଥିରେ ନିଜକୁ ବ୍ରିଟେନର ଜଣେ ନାଗରିକ ବୋଲି ଦର୍ଶାଇଥିଲେ। ୨୦୦୯ ଫେବୃୟାରୀ ୧୭ରେ କମ୍ପାନୀ ଭଙ୍ଗ ପାଇଁ ଉଦ୍ଦିଷ୍ଟ ଆବେଦନପତ୍ରରେ ମଧ୍ୟ ରାହୁଲଙ୍କୁ ବ୍ରିଟେନର ନାଗରିକ ବୋଲି ଦର୍ଶାଯାଇଥିବା ସୁବ୍ରମଣ୍ୟମ୍ ସ୍ୱାମୀ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ରାହୁଲଙ୍କୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ବ୍ରିଟେନର ବ୍ୟାକୋପ୍ସ ଲିମିଟେଡ୍ କମ୍ପାନୀ ବାର୍ଷିକ ରିଟର୍ନ ଦାଖଲ କରିବାବେଳେ ସେଥିରେ ରାହୁଲ ନିଜକୁ ଜଣେ ବ୍ରିଟିଶ ନାଗରିକ ବୋଲି ଦର୍ଶାଇଥିଲେ। ତେଣୁ ଏସମ୍ପର୍କିତ ପ୍ରକୃତ ସ୍ଥିତି ମନ୍ତ୍ରଣାଳୟକୁ ଅବଗତ କରାନ୍ତୁ। ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ରାହୁଲ ଜଣେ ରହସ୍ୟଜନକ ମଣିଷ। ସେ ଭାରତୀୟ ନା ବ୍ରିଟିଶ ସେନେଇ ସ୍ପଷ୍ଟ କରନ୍ତୁ। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏହାର ଜବାବରେ କହିଛନ୍ତି, ରାହୁଲ ଜଣେ ଭାରତୀୟ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନୋଟିସର ମୁହଁତୋଡ଼ ଜବାବ ଦିଆଯିବ। ସେହିପରି ରାହୁଲ ଭାରତରେ ଜନ୍ମ ହୋଇ ବଡ଼ ହୋଇଛନ୍ତି। ତେଣୁ ତାଙ୍କ ନାଗରିକତ୍ୱକୁ ନେଇ ଆସିଥିବା ଅଭିଯୋଗ ଅମୂଳକ ବୋଲି ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଖଣ୍ଡନ କରିଛନ୍ତି। ଏହି ବିଷୟରେ ରାହୁଲଙ୍କୁ ଏନ୍‌ସିପି ସମର୍ଥନ କରିବା ସହ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରାଯାଉଛି ବୋଲି ସମାଲୋଚନା କରିଛି।



ଯଓ୍ୱାନ ଓ କିଷାନର ଜୟ୍ ହିଁ
ଦେଶ ଓ ଜାତିର ଜୟ୍।
- ଲାଲବାହାଦୁର ଶାସ୍ତ୍ରୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଡିଏଭି ପବ୍ଲିକ ସ୍କୁଲର ୨୮ତମ ପ୍ରତିଷ୍ଠା ଦିବସ, ବିଦ୍ୟାଳୟ ପରିସର, ପୋଖରୀପୁଟ, ସକାଳ ୬ଟା ୩୦।
- ସିସିଡବ୍ଲ୍ୟୁଡି ପକ୍ଷରୁ ଶ୍ରମିକ ଦିବସ ପାଳନ, ଗୀତା ଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ନାଲ୍‌କୋ କର୍ମଚାରୀ ଫୋରମ ପକ୍ଷରୁ ଶ୍ରମିକ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ, ଆର୍‌ଡି ବିଲ୍ଡିଂ, ନାଲ୍‌କୋ ନଗର, ସକାଳ ୭ଟା ୪୫।
- ଶ୍ରମିକ ଦିବସ ପାଳନ, ମହାନଦୀ ନିବାସ ଅଡିଟୋରିୟମ, ନାଲ୍‌କୋ ନଗର, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୭ଟା ୩୦।
- ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଓଡ଼ିଶା କେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଉଦ୍‌ଘାଟନ କାର୍ଯ୍ୟକ୍ରମ, ଏଜି ଛକ, ପୂର୍ବାହ୍ନ ୧୧ଟା।
- ଫଟୋ ଜର୍ନାଲିଷ୍ଟ ଡଟ୍ କମ ପକ୍ଷରୁ ଶ୍ରମିକ ଦିବସ ସମାରୋହ, ଡଟ୍ କମ, ସୂଚନା ଭବନ ନିକଟ, ସନ୍ଧ୍ୟା ୬ଟା।

**କଟକ**
- ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଦିବସ, କଟକ ବିଡ଼ାନାସୀସ୍ଥିତ ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ପରିସର, ପୂର୍ବାହ୍ନ ୧୦ଟା।

**ପୁରୀ**
- ନୀଳାଚଳ ଅଟୋ ଡ୍ରାଇଭର ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ, ପୁରୀ ବସଷ୍ଟାଣ୍ଡ ନିକଟ, ସକାଳ ୮ଟା।
- ଏ.ଆଇ.ଟି.ୟୁ.ସି ପକ୍ଷରୁ ବ୍ଲକସ୍ତରୀୟ ଶ୍ରମିକ ଦିବସ ପାଳନ, ବାଲିପଡ଼ା, ପୂର୍ବାହ୍ନ ୧୦ଟା।
- ସି.ଆଇ.ଟି.ୟୁ ପକ୍ଷରୁ ଶୋଭାଯାତ୍ରା, ପୌର ସଦନ, ଅପରାହ୍ନ ୫ଟା।

**ବାଲିଅନ୍ତା**
- ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଭାଗବତ ପରାୟଣ ଓ ପ୍ରବଚନ, ଗଡ-ନହରକଣ୍ଟା, ରାତି ୭ଟା।
- ଫ୍ରି ସେଲରେ ଅପେରା ପରିବେଷଣ, ପାହାଳ, ନାରାୟଣ ଚଣ୍ଡି ପଡ଼ିଆ, ରାତି ୧୧ଟା।
- ଅଡ଼ାଳିଆ, ଶ୍ରୀ ମହାବୀର ରାମଲୀଳା ସମିତି ପକ୍ଷରୁ ରାମ ନାଟକ 'ବାଳିବଧ' ମଞ୍ଚସ୍ଥ, ନଖରା, ଶ୍ରୀ ଲକ୍ଷେଶ୍ୱର ମନ୍ଦିର ପରିସର, ରାତି ୧୧ଟା।
- ରାମଲୀଳା ନାଟକ 'ଇନ୍ଦ୍ରଜିତ ବଧ' ପରିବେଷଣ, ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୨ଟା।
- ରାମଲୀଳା ନାଟକ 'ମହିରାବଣ ବଧ' ପରିବେଷଣ, ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିର, ରାତି ୧୨ଟା।

**ବାଲକାଟୀ**
- ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ବାର୍ଷିକ ବିଷ୍ଣୁ ମହାଯଜ୍ଞର ଜଳାଧିବାସ, ସୁଦର୍ଶନ ଦାରୁପୀଠ, ହିରାପୁର, ଗଡ଼କଣ୍ଟୁଣିଆ, ପୂର୍ବାହ୍ନ ୧୦ଟା ୩୦।

**ଜଟଣୀ**
- ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ, ରେଲୱେ ଷ୍ଟାଡିୟମ, ଅପରାହ୍ନ ୫ଟା ୩୦।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭୂମିକା, ଅଂଶିକା ପିକକ୍‌ର ଗୁଡ୍‌ୱିଲ ଆମ୍ବାସାଡର

## ଶିଶୁ ଅଧିକାର ସୁରକ୍ଷା ବାର୍ତ୍ତା ଦେବେ



ଭୂମିକା, ଅଂଶିକା

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ୟୁନାଇଟେଡ୍ ନେସନ୍ସ କନ୍‌ଭେନ୍‌ଶନ ଅନ୍ ଦି ରାଇଟ୍‌ସ ଅଫ୍ ଦି ଚାଇଲ୍ଡ(ୟୁଏନ୍‌ସିଆର୍‌ସି) ଢାଞ୍ଚାରେ ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର(ପିକକ୍) ପକ୍ଷରୁ ଓଡ଼ିଶା ତଥା ସମଗ୍ର ଦେଶରେ ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଦୁଇଜଣ ଲୋକପ୍ରିୟ ଚେହେରାଙ୍କୁ ଗୁଡ୍‌ୱିଲ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି। ଓଡ଼ିଆ ଅଭିନେତ୍ରୀ ଭୂମିକା ଦାଶ ଓ କ୍ରୀଡ଼ାବିତ୍ ଅଂଶିକା ରାଉତରାୟଙ୍କୁ ୨୦୧୯ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଗୁଡ୍‌ୱିଲ ଆମ୍ବାସାଡର ଭାବେ ଚୟନ କରାଯାଇଛି। ଭୂମିକା ଶିଶୁ ଅଧିକାର ତଥା ଶିଶୁଙ୍କ ଉତ୍ତମ ଭବିଷ୍ୟତ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଲୋକଙ୍କୁ ସଚେତନ କରିବେ। ସେହିଭଳି ଅଂଶିକା ଶିଶୁମାନଙ୍କର ଖେଳ ଅଧିକାର ତଥା କ୍ରୀଡ଼ାର ପ୍ରସାର ନିମନ୍ତେ ବାର୍ତ୍ତା ଦେବେ। ମଙ୍ଗଳବାର ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏ ନେଇ ଘୋଷଣା କରାଯାଇଛି।

ଶିଶୁ ଅଧିକାରର ସୁରକ୍ଷା ପାଇଁ ୨୦୧୦ରୁ ପିକକ୍ ପକ୍ଷରୁ ଗୁଡ୍‌ୱିଲ ଆମ୍ବାସାଡରର ପରିକଳ୍ପନା କରାଯାଇଥିଲା। ଏହି ଗୁଡ୍‌ୱିଲ ଆମ୍ବାସାଡରମାନେ ଶିଶୁ ଅଧିକାର ସୁରକ୍ଷା, ଯୁବ ଗୋଷ୍ଠୀମାନଙ୍କର ସମସ୍ୟା, ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ଖେଳିବା ପାଇଁ ନିରାପଦ ସ୍ଥାନ, ହିଂସା ଓ ନିର୍ଯାତନା ବିରୋଧରେ ଜନସଚେତନତା ସୃଷ୍ଟି କରିଥାଆନ୍ତି। ଓଡ଼ିଶାକୁ ଏକ ଶିଶୁ ଉପଯୋଗୀ ରାଜ୍ୟ ଭାବେ ଗଢ଼ିତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ପିକକ୍ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଥିଲେ। ପିକକ୍ ଅଧ୍ୟକ୍ଷା ଆଦରମଣି ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ ଓ ଡ. ସ୍ନେହପ୍ରଭା ସାମନ୍ତରାୟ ଉପସ୍ଥିତ ଥିଲେ। ପୂର୍ବତନ ଗୁଡ୍‌ୱିଲ ଆମ୍ବାସାଡର ଆକାଂକ୍ଷା କବି ନବନିଯୁକ୍ତ ଗୁଡ୍‌ୱିଲ ଆମ୍ବାସାଡର ଭୂମିକା ଓ ଅଂଶିକାଙ୍କୁ ଉପାଧି ପ୍ରଦାନ କରିଥିଲେ। ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଏଭଳି ଏକ ଅଭିଯାନରେ ସାମିଲ ହୋଇ କାର୍ଯ୍ୟ କରିବାକୁ ଉତ୍ସାହିତ ଥିବା ଭୂମିକା କହିଥିଲେ। ଶିଶୁମାନେ ଖେଳିବା ଆବଶ୍ୟକ ଓ ଏହା ସବୁ ଶିଶୁଙ୍କ ଅଧିକାର ବୋଲି ଅଂଶିକା କହିଥିଲେ। ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ପ୍ରତୀକ୍ଷା ବହିଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଦେଇଥିଲେ।

# କମ୍ପ୍ୟୁଟର ସାଇନ୍ସରେ ଗବେଷଣା କରିବାକୁ ଚାହୁଁଛି: ପ୍ରତୀକ

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**



ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପ୍ରକାଶିତ ଜେଇଇ ମେନ୍ ୨୦୧୯ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ପ୍ରତୀକ ଚୌଧୁରୀ ୯୯.୯୯ ପ୍ରତିଶତ ମାର୍କ ରଖି ଓଡ଼ିଶା ଟପ୍ପର ହେବା ସହ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଫିଜିକ୍ସରେ ସେ ୧୦୦ ପ୍ରତିଶତ ମାର୍କ ରଖିଥିବା ବେଳେ କେମେଷ୍ଟ୍ରିରେ ୯୯.୯୫ ଓ ଗଣିତରେ ୯୯.୯୭ ପ୍ରତିଶତ ମାର୍କ ରଖିଛନ୍ତି। ମେଧାବୀ ଛାତ୍ର ପ୍ରତୀକ କେମେଷ୍ଟ୍ରି ଅଲିମ୍ପିଆଡ୍ ୨୦୧୮ରେ ରାଜ୍ୟ ଟପ୍ପର ହୋଇଥିଲେ। ସେହିଭଳି ଆଷ୍ଟ୍ରୋ ଅଲିମ୍ପିଆଡ୍ ୨୦୧୮ ଓ ଫିଜିକ୍ସ ଅଲିମ୍ପିଆଡ୍ ୨୦୧୮ରେ ଦ୍ୱିତୀୟ ର୍‍ୟାଙ୍କ ଅକ୍ତିଆର କରିଥିଲେ। ଏଥିସହିତ ସେ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା(କେଭିପିୱାଇ) ବୃତ୍ତି ପାଇଁ ୨୦୧୮ରେ ମନୋନୀତ ହୋଇଥିଲେ। ସ୍କୁଲ ଚେୟାରମ୍ୟାନ ଡ. ବିଜୟ କୁମାର ସାହୁ ପ୍ରତୀକଙ୍କ ଏହି ସଫଳତାରେ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଫଳାଫଳ ପ୍ରକାଶ ପରେ ପ୍ରତୀକ କହିଛନ୍ତି, ଭଲ ପର୍ସେଣ୍ଟେଜ୍ ରହିବାର ଆଶା ଥିଲା। କିନ୍ତୁ ୯୯.୯୯% ସହିତ ରାଜ୍ୟ ଟପ୍ପର ହେବି ବୋଲି ମୋର ଆଶା ନ ଥିଲା। ତେଣୁ ମୁଁ ବହୁତ ଖୁସି। ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ନିଜ ଅଧ୍ୟୟନରେ ୬ ଘଣ୍ଟା ଓ କୋଚିଂ ପାଇଁ ୪ ଘଣ୍ଟା ଦେଉଥିଲି। ଏକା ସଙ୍ଗେ ଜେଇଇ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ମୋତେ କଷ୍ଟକର ହୋଇଥିଲା। କିନ୍ତୁ ହାର ମାନି ନ ଥିଲି। ଜାନୁଆରୀ ପର୍ଯ୍ୟନ୍ତ ମୋର ଏକମାତ୍ର ଲକ୍ଷ୍ୟ ଥିଲା ଜେଇଇ ଓ ଏହାପରେ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲି। ମାତାପିତାଙ୍କ ଉତ୍ସାହ, ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହଯୋଗ ଓ କୋଚିଂ କ୍ଲାସ୍ ମୋତେ ସଫଳତା ଆଣିଦେଇଛି। ଡ. ଏପିଜେ ଅବଦୁଲ କଲାମଙ୍କୁ ନିଜ ପ୍ରେରଣାର ଉତ୍ସ ବୋଲି ସେ କହିଛନ୍ତି। ଭବିଷ୍ୟତରେ ଏକ ଖ୍ୟାତନାମା ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ସାଇନ୍ସ ପଢ଼ିବା ସହିତ ଏହା ଉପରେ ଗବେଷଣା କରିବାକୁ ଚାହୁଁଛି ବୋଲି ପ୍ରତୀକ କହିଛନ୍ତି।

# ଡ. ବନଲତା ଦେବୀଙ୍କୁ ନେପାଳରେ ସମ୍ବର୍ଦ୍ଧନା



**କଟକ ଅଫିସ, ୩୦।୪**

ନେପାଳର କାଠମାଣ୍ଡୁ ଡାହାଚଲସ୍ଥିତ ସଲ୍ଟ କ୍ରାଉନ ପ୍ଲାଜାରେ ଏଆର୍‌ଟିପି ତରଫରୁ ଆୟୋଜିତ ଇଣ୍ଡୋ ନେପାଳ ଫ୍ରେଣ୍ଡସିପ୍ ଫର୍ ଇକୋନମିକ୍ ଗ୍ରୋଥ ଆଣ୍ଡ ସୋସିଆଲ୍ ଡେଭଲପମେଣ୍ଟ ଆଲୋଚନାଚକ୍ରରେ କଟକ ବିଡାନାସୀସ୍ଥିତ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ.ବନଲତା ଦେବୀ ଅଂଶଗ୍ରହଣ କରି ଜୁଏଲ୍ ଅଫ୍ ଏସିଆ ଏଜୁକେସନ୍ ସମ୍ମାନ ଲାଭ କରିଛନ୍ତି। ଉତ୍ସର୍ଗୀକୃତ ଶିକ୍ଷାଦାନ ଓ ସମାଜ ସେବା ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନେପାଳରେ ଅନୁଷ୍ଠିତ ଉତ୍ସବରେ ନେପାଳର ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ମନ୍ତ୍ରୀ ପଦ୍ମାକୁମାରୀ ଆର୍ୟାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନେପାଳର ଭକ୍ତପୁର ମ୍ୟୁନିସିପାଲିଟିର ଡେପୁଟି ମେୟର ବୀଣା ବାସ୍ତୁଲା, ଭାରତର ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଭି. ଏନ୍. ସେହଗଲ୍, ସଙ୍ଗୀତ ଶାସ୍ତ୍ରୀ ଗୁରୁ ଅର୍ଜୁନ ପ୍ରସାଦ ବାସ୍ତୁଲା, ନେପାଳ ଫାର୍ମାସୀ କାଉନ୍ସିଲର ଚେୟାରମ୍ୟାନ୍ ଯଜ୍ଞ ପ୍ରସାଦ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଭାରତ ଓ ନେପାଳ ବନ୍ଧୁତା ସମ୍ପର୍କକୁ ଅଧିକ ଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ଉପସ୍ଥାପନ କରିଥିଲେ। ମନ୍ତ୍ରୀ ପଦ୍ମାକୁମାରୀ ଆର୍ୟାନ ଡ. ବନଲତା ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମ ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଶୋଭନୀୟ ଆନ୍ଦୋଳନର ଅନ୍ୟତମ ସଦସ୍ୟ ଡାକ୍ତର ବିଷ୍ଣୁ ପ୍ରସାଦ ଶତପଥୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବାରୁ ତାଙ୍କୁ ମଧ୍ୟ ଏଆର୍‌ଟିପି ତରଫରୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ଯୁବଶିଳ୍ପୀଙ୍କ ନିଆରା କଳା



**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଭୁବନେଶ୍ୱରର ସାଂସ୍କୃତିକ ଐତିହ୍ୟ, ଏହାର ନିର୍ମାଣଶୈଳୀ ଓ ସ୍ଥାପତ୍ୟକୁ ନିଆରା ଭାବେ କଳାର ରୂପଦେଇ ସଜାଇଛନ୍ତି ଓଡ଼ିଶା ଜନ୍ମିତ ଯୁବ ଚିତ୍ରଶିଳ୍ପୀ ସୂର୍ଯ୍ୟକାନ୍ତ ସ୍ୱାଇଁ। ଉତ୍ସ ଫାଉଣ୍ଡେଶନ ଫର୍ କଣ୍ଟେମ୍ପୋରାରି ଆର୍ଟ ଓ ଅଜ୍ଞାନ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ୟୁନିଟ୍-୬ ଗଙ୍ଗନଗରସ୍ଥିତ ଉତ୍ସ ଫାଉଣ୍ଡେଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି 'ଉତ୍ସ ଅଜ୍ଞାନ୍ ରେସିଡେନ୍ସି' ନାମକ ସ୍ୱତନ୍ତ୍ର କଳା ପ୍ରଦର୍ଶନୀ। ପ୍ରଦର୍ଶନୀରେ ଏହି ଯୁବଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଉଭୟ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ଦେଖିବାକୁ ମିଳୁଛି।

ସିନ୍ଧୁ ସଭ୍ୟତାର ସମସାମୟିକ ଭୁବନେଶ୍ୱରର ସ୍ଥାପତ୍ୟ କଳା କିଭଳି ଆଧୁନିକ ଯୁଗର ସ୍ମାର୍ଟ ସିଟିରେ ପରିଣତ ହୋଇଛି, ତାହାକୁ ପ୍ରତିଫଳିତ କରୁଛି ସୂର୍ଯ୍ୟକାନ୍ତଙ୍କ ପ୍ରତିଟି ଛବି ଓ ଭାସ୍କର୍ଯ୍ୟ। ସେହିଭଳି ସହରର କୀର୍ତ୍ତିରାଜି ଓ ଐତିହ୍ୟ କିଭଳି ଅନେକ କାହାଣୀ ଏବଂ କିମ୍ବଦନ୍ତୀକୁ ବଖାଣୁଛି, ତାହା ଏଥିରେ ଦର୍ଶାଯାଇଛି। ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ଧରି ଭୁବନେଶ୍ୱରର ବର୍ତ୍ତମାନ ଓ ଅତୀତକୁ ଅନୁଶୀଳନ କରିବା ପରେ ସେ ଭୁବନେଶ୍ୱରବାସୀଙ୍କୁ ଏଭଳି ନିଆରା କାରିଗରି ଭେଟି ଦେଇଛନ୍ତି। ପ୍ରଥମଥର ପାଇଁ ଏଭଳି ପ୍ରଦର୍ଶନୀ ସହରରେ ଆୟୋଜିତ ହୋଇଥିବା ବେଳେ ଶିଳ୍ପୀଙ୍କ ଦ୍ୱାରା ପାରମ୍ପରିକ ଶୈଳୀରେ ପ୍ରସ୍ତୁତ ଟେରାକୋଟା ଓ ମାଟିନିର୍ମିତ ଭାସ୍କର୍ଯ୍ୟ କଳା ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ସାଜିଛି। ପ୍ରାକୃତିକ ପଦ୍ଧତି ଓ ସାମଗ୍ରୀରେ ନିର୍ମିତ ପ୍ରତିଟି କଳା ଦୀର୍ଘସ୍ଥାୟୀ ବିକାଶ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛି।

### ରାଜ୍ୟସ୍ତରୀୟ ଔଷଧୀୟ ବୃକ୍ଷ କର୍ମଶାଳା ଉଦ୍‌ଘାଟିତ

# ଲାଭଦାୟକ ହୋଇଥାଏ ଔଷଧୀୟ ବୃକ୍ଷ ଚାଷ

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଔଷଧୀୟ ବୃକ୍ଷର ଚାଷ ଏକାନ୍ତ ଆବଶ୍ୟକ। ଅଧିକରୁ ଅଧିକ ଚାଷ କଲେ, ଏହାଦ୍ୱାରା ଚାଷୀ ଲାଭବାନ ହେବା ସହ ଔଷଧ ତିଆରି କ୍ଷେତ୍ରରେ ଆମ ଦେଶ ଓ ରାଜ୍ୟ ସ୍ୱାବଲମ୍ବୀ ହୋଇପାରିବ। କେବଳ ଏତିକି ନୁହେଁ, ଔଷଧୀୟ ବୃକ୍ଷ ଲାଗି ଭାରତ ଉପରେ ସମଗ୍ର ବିଶ୍ୱ ନିର୍ଭର କରୁଥିବା ବେଳେ ଏହାଦ୍ୱାରା ବୈଦେଶିକ ମୁଦ୍ରାର ଆଗମନ ହୋଇପାରିବ। ଅନେକ ମୂଲ୍ୟବାନ ଔଷଧୀୟ ବୃକ୍ଷ ଏବେ ଲୁପ୍ତପ୍ରାୟ ଅବସ୍ଥାରେ ରହିଛି। ଏହାର ସଂରକ୍ଷଣ ଆଗାମୀ ପିଢ଼ି ପାଇଁ ଏକାନ୍ତ ଜରୁରୀ। ଏଥିଲାଗି କେନ୍ଦ୍ରୀୟ ସହାୟତାରେ 'ଜାତୀୟ ଆୟୁଷ ମିଶନ' କାର୍ଯ୍ୟ କରୁଥିବା ବେଳେ ଏଥିରେ ସହଯୋଗର ହାତ ବଢ଼ାଇଛନ୍ତି ରାଜ୍ୟ ଉଦ୍ୟାନ ନିର୍ଦ୍ଦେଶାଳୟ। ଏହିକ୍ରମରେ ରାଜ୍ୟ ଉଦ୍ୟାନ ନିର୍ଦ୍ଦେଶାଳୟ ସହ ରାଜ୍ୟ ଆୟୁଷ ସୋସାଇଟି, ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ, ଆଞ୍ଚଳିକ ବୃକ୍ଷ ସମ୍ବଳ କେନ୍ଦ୍ର, ଓଡ଼ିଶା ବନ ଉନ୍ନୟନ ନିଗମ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ପ୍ରୟାସରେ ରାଜ୍ୟସ୍ତରୀୟ ଔଷଧୀୟ ବୃକ୍ଷ କର୍ମଶାଳାର ଆୟୋଜନ କରାଯାଇଛି।

ସ୍ଥାନୀୟ ଇମେଜ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏହି କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଆୟୁଷ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମିଶ୍ର, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ ଚନ୍ଦ୍ର ପଣ୍ଡା, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଏ.କେ. ପଟ୍ଟନାୟକ, ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଏସ୍.ପି. ମହାପାତ୍ର, କୃଷି ବିଭାଗ ଅତିରିକ୍ତ ସଚିବ ମନ୍ମଥ କୁମାର ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପାରମ୍ପରିକ କୃଷି ଅପେକ୍ଷା ଔଷଧୀୟ ବୃକ୍ଷ ଚାଷ ଅଧିକ ଲାଭକରୀ। ଏଥିରେ ଅପେକ୍ଷାକୃତ କମ୍ ଖର୍ଚ୍ଚ ହୋଇଥାଏ। ଏହାର ଉଭୟ ଘରୋଇ ଓ ବୈଦେଶିକ ଚାହିଦା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ବହୁ କୃଷି ବିଜ୍ଞାନୀ, ଉଦ୍ଭିଦ ବିଜ୍ଞାନୀ, ଆୟୁର୍ବେଦ ଚିକିତ୍ସକ ଓ ଆୟୁର୍ବେଦ ଔଷଧ ପ୍ରସ୍ତୁତକାରୀ କମ୍ପାନୀର ପ୍ରତିନିଧିମାନେ ଯୋଗଦେଇ ସନ୍ଦର୍ଭ ଉପସ୍ଥାପନା କରିବେ।

### ରାଜନୈତିକ ଶତ୍ରୁତାକୁ ନେଇ ବୋମାମାଡ ଘଟଣା

# ମୋକିମଙ୍କ ଘରେ ପୋଲିସର ଚଢାଉ

**କଟକ ଅଫିସ୍, ୩୦।୪**

ରାଜନୈତିକ ଶତ୍ରୁତା ନେଇ ୧୫ ତାରିଖରେ ଦରଘାବଜାର ଥାନା ଅନ୍ତର୍ଗତ ତିନିକଣିଆ ବଗିଚା ଅଞ୍ଚଳରେ ଥିବା ପୂର୍ବତନ ପିସିସି ସମ୍ପାଦକ ୱାଲିଦ୍ ପଟେଲଙ୍କ ଲୁଗା ଦୋକାନକୁ ବୋମାମାଡ ହୋଇଥିଲା। ତେବେ ବାରବମାଟୀ-କଟକ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ୍‌ଙ୍କ ସହଯୋଗୀମାନେ ବୋମାମାଡ କରିଥିବା ନେଇ ୱାଲିଦ ଦରଘାବଜାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ. ୩୩/୧୯ରେ ମାମଲା ରୁଜୁ କରି ମୋକିମ୍‌ଙ୍କ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ତଦନ୍ତ କରିବାକୁ ଯାଇ ଦରଘାବଜାର ପୋଲିସ ମଙ୍ଗଳବାର ଉକ୍ତ ଥାନା ଅନ୍ତର୍ଗତ ତୁଳସୀପୁରଠାରେ ଥିବା ମୋକିମ୍‌ଙ୍କ ଅଫିସ୍‌ରେ ଚଢାଉ କରିଥିଲା। ଦରଘାବଜାର ଥାନା ଅଧିକାରୀ ପ୍ରଦୀପ ଜେନା କୁହନ୍ତି, ଏହା ତଦନ୍ତ କ୍ଷେତ୍ରରେ ଏକ ଯାଞ୍ଚ ପ୍ରକ୍ରିୟା ଥିଲା। ଆମେ ତାଙ୍କ ଅଫିସ୍‌କୁ ଯାଇ କିଛି କାଗଜପତ୍ର ଦେଖିଥିଲୁ। ହେଲେ ପୋଲିସ ତାଙ୍କ ଅଫିସ୍‌ରୁ କିଛି ଜବତ କରିନାହିଁ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ବିଶ୍ୱରଞ୍ଜନ


ଭାଗ୍ୟଧର


କେଶବ


ଅନିଲ


ମନୋଜ


ସିଲୁ


ସୁନୀଲ


ପବିତ୍ର



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଭଦ୍ରକ ବିଷାକ୍ତ ମଦ ମୃତ୍ୟୁ ଘଟଣା ମାନବାଧିକାର କମିଶନଙ୍କ ନିକଟରେ ମାମଲା

**କଟକ ଅଫିସ,୩୦।୪:** ଭଦ୍ରକ ଜିଲାରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଭୁବନେଶ୍ୱରର ସିଭିଲ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ ରାଇଟ୍ସ ସଂସ୍ଥାର ୱାର୍କିଂ ଗ୍ରୁପ୍ ସଦସ୍ୟ ତଥା ମାନବାଧିକାର କର୍ମୀ ଅଖଣ୍ଡ ଏହି ଘଟଣା ପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରି କମିଶନଙ୍କ ନିକଟରେ ପିଟିସନ୍ ଦାଏର କରିଛନ୍ତି। ରାଜ୍ୟରେ ବିଷାକ୍ତ ମଦର ଉତ୍ପାଦନ ଓ ବିକ୍ରିକୁ ବନ୍ଦ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ ଦର୍ଶାଇଛନ୍ତି। ତୁରନ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏଥିରେ ସେ ମୁଖ୍ୟ ଶାସନ ସଚିବ, ପୋଲିସ୍ ଡିଜି, ଭଦ୍ରକ ଜିଲାର ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷ କରିଛନ୍ତି।

### ଗୌରାଙ୍ଗ ବେଶରେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ,୩୦।୪(ଡି.ଏନ୍.ଏ.):** ସାକ୍ଷୀଗୋପାଳ ମନ୍ଦିରରେ ମଙ୍ଗଳବାର ଅପରାହ୍ନରେ ଠାକୁରଙ୍କ ଷଡଭୁଜ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଯାଇଛି। ପରମଭକ୍ତ ଶ୍ରୀଚୈତନଙ୍କ ସ୍ମୃତିରେ ସାକ୍ଷୀଗୋପାଳ ଠାକୁର ଏହି ବେଶରେ ଦେଖା ଦେଇଥିଲେ। ଦୈନନ୍ଦିନ ଦେବ ନୀତି ସହ ଦ୍ୱିପ୍ରହର ଧୂପ ବେଶରେ ପାଳିଆ ସିଂହରୀ ସେବାୟତ ରଘୁନାଥ ମହାପାତ୍ର ଏହି ବେଶ କରିଥିଲେ। ଏଥିରେ ପାଳିଆ ଭଣ୍ଡାର ମେକାପ ପ୍ରଫୁଲ୍ଲ କୁମାର ମେକାପ ସହଯୋଗ କରିଥିଲେ। ଏହି ବେଶରେ ଠାକୁର ଧଳାଧୋତି, ଦୋସଡା, ତୁଳସୀ ମାଳି ପରିଧାନ କରିଥିଲେ। ବଂଶୀଧାରୀଙ୍କୁ ସୋଲରେ ପ୍ରସ୍ତୁତ କରାଯାଇଥିବା ଅଧିକ ୪ଟି ହାତ ଖଞ୍ଜା ଯାଇଥିଲା। ଶ୍ରୀମୁଖରେ ଚନ୍ଦନ ଲେପ ସହିତ ହରି ତିଳକ, କମଣ୍ଡଳୁ, ଧନୁ ତୀର, ଜପାମାଳ ଆଦି ଧାରଣ କରିଥିବା ନିଆରା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କୁ ବେଶ ଆକର୍ଷିତ କରିଥିଲା। ରତ୍ନ ସିଂହାସନରେ ଠାକୁରଙ୍କ ଦୁଇପାର୍ଶ୍ୱରେ ନିତାଇ ଗୌର ଦୁଇଭକ୍ତ ବିରାଜମାନ କରିଥିବା ଗୁରୁଶିଷ୍ୟ ପରମ୍ପରାରେ ପ୍ରତୀୟମାନ ହୋଇଥିଲା। ପୂର୍ବରୁ ଏହି ବେଶ ଡେଲାଙ୍ଗ ଅଞ୍ଚଳର ଜଣେ ଭକ୍ତ କରୁଥିବା ବେଳେ ବିଗତ ଦୁଇବର୍ଷ ହେଲା ଶ୍ରୀରାମଚନ୍ଦ୍ରପୁର ଶାସନର ବ୍ରଜବନ୍ଧୁ ନନ୍ଦଙ୍କ ପରିବାର ପକ୍ଷରୁ ଆଗ୍ରହର ସହ ଆରମ୍ଭ କରାଯାଇଛି।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ନିମାପଡ଼ା,୩୦।୪:** ଚାରିଛକ-ଗୋପ ରାସ୍ତାର ଛଣିଜଙ୍ଗ ବଜାର ନିକଟରେ ମଙ୍ଗଳବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲୁଙ୍କ ଗ୍ରାମର ଲିପୁନା ପ୍ରଧାନ। ସୂଚନା ଅନୁଯାୟୀ, ଚାରିଛକ ଫାଣ୍ଡି ଅନ୍ତର୍ଗତ ବାଘସାହି ଗ୍ରାମର ବାପି ଭୋଇ ଏକ ବାଇକ୍‌ରେ ଗୋପରୁ ଚାରିଛକ ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଲୁଙ୍କ ଗ୍ରାମର ଲିପୁନା ଏକ ବାଇକରେ ବିପରୀତ ପଟୁ ଆସୁଥିବାବେଳେ ଛଣିଜଙ୍ଗ ବଜାର ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲ ପରେ ଲିପୁନାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାରିଛକ ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।



ବାତ୍ୟା 'ଫନୀ'କୁ ନେଇ ସତର୍କତା ଜାରି ପରେ ପୁରୀ ସମୁଦ୍ରରୁ ଫେରିଆସିଥିବା ମାଛଧରା ଡଙ୍ଗାଗୁଡ଼ିକୁ ମତ୍ସ୍ୟଜୀବୀମାନେ ବେଳାଭୂମିରେ ରଖୁଛନ୍ତି।



ବାତ୍ୟା ସୂଚନା ପରେ ପୁରୀ ବଡ଼ଶଙ୍ଖ ପରିବା ମାର୍କେଟ୍‌ରେ ଗ୍ରାହକଙ୍କ ଭିଡ଼।

## ଫନୀ ମୁକାବିଲା ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ

# ପୁରୀକୁ ଆସିବେ ୫ ଓଡ୍ରାଫ ଟିମ୍

**ପୁରୀ ଅଫିସ,୩୦।୪**

ସାମୁଦ୍ରିକ ବାତ୍ୟା ଫନୀ ଉଗ୍ର ରୂପ ଧାରଣ କରି ଓଡ଼ିଶାମୁହାଁ ହୋଇଛି। ୩ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଓଡ଼ିଶା ଉପକୂଳ ଛୁଇଁବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଅଧିକ ରହିବ। ତେଣୁ ସମ୍ଭାବ୍ୟ ସ୍ଥିତିର ମୁକାବିଲା ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ମଙ୍ଗଳବାର ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀ ଏବଂ ଏନ୍‌ଜିଓମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସତର୍କତାମୂଳକ ପଦକ୍ଷେପ ନେବା ଓ ସଜାଗ ରହିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ସରକାରୀ କର୍ମଚାରୀମାନଙ୍କ ଛୁଟି ବାତିଲ ହୋଇଥିବାବେଳେ ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ୨ତାରିଖ ପୂର୍ବରୁ ୫ଟି ଓଡ୍ରାଫ ଟିମ୍ ଆସି ପହଞ୍ଚିବେ। ଗୋଟିଏ ଲେଖାଏ ଟିମ୍ ଜିଲାର କୃଷ୍ଣପ୍ରସାଦ, ସାତପଡ଼ା, ପୁରୀ, ଗୋପ (କୋଣାର୍କ) ଏବଂ ଅସ୍ତରଙ୍ଗରେ ସଜାଗ ରହିବେ। ଏସ୍‌ଆର୍‌ସିଙ୍କ ଅଫିସ ତରଫରୁ ଜିଲାର ସବୁ ବ୍ଲକ ପାଇଁ ପଲିଥିନ ଯୋଗାଇ ଦିଆଯାଇଛି। ଯଦି ଅଧିକ ଦରକାର ପଡ଼େ ତେବେ ତାହା ମଧ୍ୟ ଆସିବ ବୋଲି ଜରୁରୀକାଳିନ ଅଧିକାରୀ ଇତିଶ୍ରୀ ନାୟକ କହିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ମୁତାବକ, ଜିଲାର ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ଲାଇନ୍ ଡିପାର୍ଟମେଣ୍ଟର ସବୁ ଅଧିକାରୀଙ୍କୁ ହେଡ୍‌କ୍ୱାର୍ଟରରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଏବଂ ବ୍ଲକସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗୋପ, ପୁରୀ, କାକଟପୁର, ଅସ୍ତରଙ୍ଗ ବ୍ଲକର ତଳିଆ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନ ତଥା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ। ଜିଲାର ୧୭୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

- ସତର୍କତାମୂଳକ ପଦକ୍ଷେପ ଉପରେ ଜିଲାପାଳଙ୍କ ଗୁରୁତ୍ୱ
- ସ୍ଥାନାନ୍ତର କାର୍ଯ୍ୟରେ ସହଯୋଗ କରିବେ ସ୍ୱେଚ୍ଛାସେବୀ ସଙ୍ଗଠନ
- ଖାଉଟିଙ୍କୁ ଆଗୁଆ ମେ, ଜୁନ୍ ମାସର ସାମଗ୍ରୀ ବଣ୍ଟନ
- କଳାବଜାର ରୋକିବା ପାଇଁ ସ୍କ୍ୱାଡ୍ ଗଠନ, ଆଜିଠୁ ଚଢାଉ

ପ୍ରସ୍ତୁତ ରହିଛି। ଏନ୍‌ଜିଓମାନେ ବିଡିଓଙ୍କ ସହ ସମନ୍ୱୟ ରଖି ଲୋକଙ୍କୁ ସ୍ଥାନାନ୍ତର କାର୍ଯ୍ୟରେ ସହଯୋଗ କରିବେ। ଲୋକମାନଙ୍କୁ ବାତ୍ୟା ସତର୍କ ସୂଚନା ଦେବା ପାଇଁ ମଧ୍ୟ କାର୍ଯ୍ୟ କରିବେ। ଏହାବ୍ୟତୀତ ବ୍ଲକସ୍ତରରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯିବ। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯିବ। ପାନୀୟଜଳ ଯୋଗାଣ ଲାଗି ଟ୍ୟାଙ୍କର ରଖାଯିବ। ପୁରୀ ସହର ଏବଂ ବିଭିନ୍ନ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ଲାଗି ପମ୍ପ ବ୍ୟବହାର କରାଯିବ। ଅଗ୍ନିଶମ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବ। ସବୁ ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ଆଗୁଆ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ବାତ୍ୟାରେ ଯଦି କ୍ଷୟକ୍ଷତି ହେଲା ତେବେ କିପରି ତୁରନ୍ତ ରାସ୍ତାଘାଟ ସଫା କରାଯିବ, ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯାଇପାରିବ ସେନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ଆବଶ୍ୟକ ଔଷଧ ଯୋଗାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି ଜିଲା ଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କ ସୂଚନା ମୁତାବକ, ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ଉପଭୋକ୍ତାମାନଙ୍କୁ ମେ ଏବଂ ଜୁନ୍ ମାସର ଚାଉଳ, ଗହମ, କିରୋସିନ ବୁଧବାର ପ୍ରଦାନ କରାଯିବ। ତେଣୁ ଏହିସବୁ ଯୋଗାଣ ସାମଗ୍ରୀ ସମସ୍ତ ରିଟେଲରମାନଙ୍କ ପାଖକୁ ପଠାଇ ଦିଆଯାଇଛି। ଜିଲାର ୮ଟି ଗୋଦାମରେ ୧ଲକ୍ଷ ୩୬ ହଜାର କୁଇଣ୍ଟାଲ ଚାଉଳ, ୧୧୫୦ କୁଇଣ୍ଟାଲ ଚୁଡ଼ା ଏବଂ ୪୫ କୁଇଣ୍ଟାଲ ଗୁଡ଼ ମହଜୁଦ୍ ରହିଛି। ଆଉ ଦରକାର ପଡ଼ିଲେ ବ୍ୟବସ୍ଥା କରାଯିବ। ଅତ୍ୟଧିକ ଦର, କଳାବଜାରୀ ଏବଂ ବେନିୟମ ଭାବେ ଖାଦ୍ୟ ସାମଗ୍ରୀ ମହଜୁଦ୍‌କୁ ରୋକିବା ଲାଗି ଜିଲାସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି। ବୁଧବାରଠାରୁ ବିଭିନ୍ନ ସ୍ଥାନରେ ଚଢାଉ ହେବ। ସବୁ ବ୍ଲକର ଯୋଗାଣ ନିରୀକ୍ଷକଙ୍କୁ କଳାବଜାରୀ ରୋକିବା ଦିଗରେ ନଜର ରଖିବାକୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଏନ୍‌ଜିଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ପୁରୀ ଜିଲାପାଳଙ୍କୁ ଭେଟି ବାତ୍ୟା ମୁକାବିଲା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।

### ହୋଟେଲ ଛାଡ଼ିବାକୁ ପର୍ଯ୍ୟଟକଙ୍କୁ ପରାମର୍ଶ

ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ପ୍ରଶାସନ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପୁରୀକୁ ଆସି ବିଭିନ୍ନ ହୋଟେଲରେ ରହିଥିବା ପର୍ଯ୍ୟଟକମାନଙ୍କୁ ବୁଧବାର ସୁଦ୍ଧା ହୋଟେଲ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଏ ନେଇ ସମସ୍ତ ହୋଟେଲ ମାଲିକମାନଙ୍କୁ ମଧ୍ୟ ଜଣାଇ ଦିଆଯାଇଥିବା ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ଯେହେତୁ ଓଡ଼ିଶା ଉପକୂଳରେ ଫନୀ ସ୍ଥଳ ଭାଗ ଛୁଇଁବାର ସମ୍ଭାବନା ରହିଛି ତେଣୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଉପଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ସନ୍ଧ୍ୟାଠାରୁ ପର୍ଯ୍ୟଟକମାନେ ଫେରିବା ଆରମ୍ଭ କରିଦେଇଥିବା ଜଣାପଡ଼ିଛି।

### କୃଷି ବିଭାଗର ସତର୍କ ସୂଚନା

**ସାକ୍ଷୀଗୋପାଳ,୩୦।୪(ଡି.ଏନ୍.ଏ.):** ସମ୍ଭାବ୍ୟ ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ସତ୍ୟବାଦୀ ବ୍ଲକ କୃଷି ବୈଷୟିକ ପରାମର୍ଶ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଡାକବାଜି ଯନ୍ତ୍ର ସାହାଯ୍ୟରେ କୃଷକମାନଙ୍କ ସଚେତନତା ନିମନ୍ତେ ସତର୍କ ସୂଚନା ଦିଆଯାଇଛି। ଖେତରେ ଏବଂ ଖଳାବାଡିରେ ରହିଥିବା ଫସଲଗୁଡିକ ସଂଗ୍ରହ କରି ନିରାପଦ ସ୍ଥାନରେ ସାଇତି ରଖିବା। ପ୍ରବଳ ବର୍ଷା ଓ ପବନ ସମ୍ଭାବନା ରହିଥିବାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା। ସତ୍ୟବାଦୀ କୃଷି କାର୍ଯ୍ୟାଳୟରୁ ଏହି ପ୍ରଚାର ଗାଡିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆତ୍ମା ସଭାପତି ବେବିଲାଲ ମିଶ୍ର, ସହକାରୀ କୃଷି ଅଧିକାରୀ ଦୃବାନନ୍ଦ ସାମନ୍ତରାୟ, ବିଟିଏମ ସୋଲେଶ ଦାସ, କୃଷି ଓଭରସିଅର ମମତାମୟୀ ଦାସ, ବିଭୂତି ଭୂଷଣ ପ୍ରଧାନ, କ୍ଷେତ୍ର କୃଷି କର୍ମଚାରୀ ନିବେଦିତା ଦ୍ୱିବେଦୀ, ଭଞ୍ଜ କିଶୋର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଭବଙ୍କୁ ହତ୍ୟା ଧମକ

**କଟକ ଅଫିସ୍,୩୦।୪**



କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ହତ୍ୟା ଧମକ ମିଳିଛି। ୧୦ ଲକ୍ଷ ଟଙ୍କା ନ ଦେଲେ ମାରିଦେବାକୁ ହ୍ୱାଟ୍ସଆପ୍‌ରେ ମେସେଜ କରି ଧମକ ଦିଆଯାଇଛି। ଏନେଇ ଅନୁଭବ ମଙ୍ଗଳବାର ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୯୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ରାତି ୯ଟାରେ ଏକ ଅଜଣା ନମ୍ବରରୁ ଅନୁଭବଙ୍କ ହ୍ୱାଟ୍ସଆପ୍‌କୁ ଏହି ମେସେଜ ଆସିଥିଲା। ତେବେ ଅନୁଭବଙ୍କ କହିବାନୁଯାୟୀ, କେହି ଚୁଗୁଲି କରିଥିବେ ବୋଲି ପ୍ରଥମେ ଭାବିଥିଲି। ପରେ ଏହା ସତ୍ୟ ବୋଲି ଜାଣିବାରୁ ଏନେଇ ଥାନାରେ ଅଭିଯୋଗ କରିଛି। କେହି ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପ୍ରରୋଚନାରେ ଉକ୍ତ ଦୁର୍ବୃତ୍ତ ଜଣକ ଏଭଳି ଧମକ ଦେଇଥିବେ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ଏନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଜଣାଇବା ସହ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ନିବେଦନ କରିଥିବା କହିଛନ୍ତି। ପୁରୀଘାଟ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଆମେ ତଦନ୍ତ ଆରମ୍ଭ କରିଛୁ।

## ରେଳ ଲାଇନ୍ ଉପରେ ଛିଣ୍ଡି ପଡ଼ିଲା ବିଦ୍ୟୁତ୍ ଫିଡର

**ସାକ୍ଷୀଗୋପାଳ, ୩୦।୪(ଡି.ଏନ୍.ଏ.)**



ଟ୍ରେନ୍ ଲାଇନ୍ ପାର୍ଶ୍ୱରେ ଲାଗିଯାଇଥିବା ନିଆଁ।

ଖୋର୍ଦ୍ଧା ରୋଡ୍-ପୁରୀ ରେଳପଥର ଡେଲାଙ୍ଗ ରେଳ ଷ୍ଟେଶନଠାରୁ କିଛି ଦୂର ହରିପୁର ରେଳବାଇ ଫାଟକ ନିକଟରେ ମଙ୍ଗଳବାର ଏକ ହାଇଭୋଲଟେଜ ବିଦ୍ୟୁତ ଫିଡର ଛିଣ୍ଡି ପଡିଛି। ରେଳ ଧାରଣା ପାର୍ଶ୍ୱରେ ଯାଇଥିବା ଏହି ବିଦ୍ୟୁତ ଫିଡରଟି ହଠାତ ଶବ୍ଦ କରି ତଳେ ପଡିଯାଇଥିଲା। ଫଳରେ ସେହି ରେଳ ଧାରଣା ପାଖରେ ରହିଥିବା ଅନାବନା ଗଛଲତା ଜଳି ଯାଇଥିଲା ବୋଲି ବିଲରେ କାମ କରୁଥିବା ଲୋକେ ପ୍ରଥମେ ଦେଖିଥିଲେ। ସେହି ସମୟରେ ଏକ ଟ୍ରେନ ଆସୁଥିବା ଦେଖି ସ୍ଥାନୀୟ ଲୋକେ ଗାମୁଛା ହଲାଇ ଟ୍ରେନଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଟ୍ରେନଟି ନିରାପଦରେ ଚାଲିଯାଇଥିଲା। ପରେ ଖବରପାଇ ଡେଲାଙ୍ଗ ଅଗ୍ନିଶମ କେନ୍ଦ୍ରର ଦୁଇଟି ଦମକଳ ଘଟଣାସ୍ଥଳରେ ପହଞ୍ଚିଥିଲା। ରେଳ ବିଭାଗର ବିଦ୍ୟୁତ ବିଭାଗର ଟେକନିକାଲ ଟିମ୍ ବିଦ୍ୟୁତ୍ ସରବରାହ ବନ୍ଦ କରିବାପରେ ମରାମତି କରିଛନ୍ତି। କିଛି ସମୟପାଇଁ ରେଳ ଚଳାଚଳ ବନ୍ଦ ରହିଥିବା ଖବର ମିଳିଥିଲେ ମଧ୍ୟ ଏ ନେଇ ରେଳବାଇ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଆନ୍ଧ୍ରରୁ ୧୭ ଓଡ଼ିଆ ଯୁବତୀ, ନାବାଳିକା ଉଦ୍ଧାର

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

ଓଡିଶାରୁ ମୁମ୍ବାଇ ଚାଲାଣବେଳେ ୧୭ଜଣ ନାବାଳିକା, ଯୁବତୀ ଓ ମହିଳାଙ୍କୁ ଆନ୍ଧ୍ରପ୍ରଦେଶ ପୋଲିସ ଏବଂ ଚାଇଲ୍ଡହେଲ୍ପଲାଇନ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତ ପରେ ମଙ୍ଗଳବାର ସେମାନଙ୍କୁ ଆନ୍ଧ୍ରପ୍ରଦେଶ ପୋଲିସ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା କମିଶନଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ବାଲିଗୁଡ଼ା, ଫୁଲବାଣୀ ସମେତ ରାଜ୍ୟ ବିଭିନ୍ନ ଅଞ୍ଚଳରୁ ଏହି ଅସହାୟ ନାବାଳିକା ଓ ଯୁବତୀମାନଙ୍କୁ କେତେଜଣ ଦଲାଲ କୋଣାର୍କ ଏକ୍ସପ୍ରେସ୍‌ରେ ମୁମ୍ବାଇ ଚାଲାଣ କରୁଥିଲେ। ଗତ ୧୬ ତାରିଖରେ ଆନ୍ଧ୍ରପ୍ରଦେଶ ପୋଲିସ ଓ ସ୍ଥାନୀୟ ଚାଇଲ୍ଡ ଲାଇନକୁ ଉକ୍ତ ଟ୍ରେନରୁ କେତେଜଣ ଲୋକ ଫୋନ୍ କରି ଜଣାଇଥିଲେ। ତୁରନ୍ତ ପୋଲିସ ଓ ଚାଇଲ୍ଡ ଲାଇନ୍‌ର ସ୍ୱତନ୍ତ୍ର ଟିମ ରାଜମନ୍ଦ୍ରୀ ଷ୍ଟେଶନ ନିକଟରେ କୋଣାର୍କ ଏକ୍ସପ୍ରେସରେ ଚଢ଼ାଉ କରି ସେମାନଙ୍କୁ ଉଦ୍ଧାର କରିଥିଲା। ପଚରାଉଚରା କରିବାରୁ ସେମାନେ ବମ୍ବେସ୍ଥିତ ଏକ ଚିଙ୍ଗୁଡି ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଉଥିବା ଜଣେ ମହିଳା କହିଥିଲେ। ସେଠାରେ ମହିଳା ଜଣକ ୮ବର୍ଷ ହେବ କାମ କରୁଥିବା କହିବା ସହ ତାଙ୍କ ସହ ୬ଜଣ ଯାଉଥିବା ସେ କହିଥିଲେ। ଅନ୍ୟମାନେ ମୁମ୍ବାଇର ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଉଥିବା କହିଥିଲେ। ତେବେ ଉଦ୍ଧାର ନାବାଳିକା, ଯୁବତୀ ଓ ମହିଳା ଓଡ଼ିଶା ଫେରିଆସିବା ପରେ ସେମାନଙ୍କୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ତେବେ ବାସ୍ତବରେ ସେମାନେ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଉଥିଲେ ନା ଦଲାଲମାନେ ଅନୈତିକ କାର୍ଯ୍ୟରେ ନିୟୋଜିତ କରିବାକୁ ଚାଲାଣ କରୁଥିଲେ ତାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରିବାକୁ ମହିଳା କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ଫଟୋରେ ଖବର




ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ପରିବେଷଣ କରୁଛନ୍ତି।



ରଥ ନିର୍ମାଣ ପାଇଁ ପୁରୀ ବଡ଼ଦାଣ୍ଡରେ ରଥଖଳା ପ୍ରସ୍ତୁତ କରାଯାଉଛି।



ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ପାଇଁ ଦରଜୀ ସେବାୟତମାନେ ଚାନ୍ଦୁଆ ଓ ଅନ୍ୟାନ୍ୟ ସାଜସଜ୍ଜା ପ୍ରସ୍ତୁତିରେ ଲାଗିଛନ୍ତି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଶ୍ୱଶୁର, ଶଳାଙ୍କୁ ଜ୍ୱାଇଁଙ୍କ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୩୦।୪(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ଜ୍ୱାଇଁ ତାଙ୍କ ଶ୍ୱଶୁର ଏବଂ ଶଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ତନାଘନା ଆରମ୍ଭ କରିଥିବା ବେଳେ ଜ୍ୱାଇଁ ଦିପୁ ଦାସ ଫେରାର ଅଛନ୍ତି। ସୂଚନା ମୁତାବକ, ଏହି ଥାନା ଅଧୀନ ପଦ୍ମକେଶରୀପୁର ଅଞ୍ଚଳରେ ସଞ୍ଜୟ ଦାସ ପରିବାର ସହ ରୁହନ୍ତି। ୫ବର୍ଷ ତଳେ ଝିଅକୁ ଦିପୁ ସହ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ପୁଅ ଥିବାବେଳେ ଦିପୁ ଅଧିକାଂଶ ମଦ୍ୟପାନ କରି ମାଡ ମାରିବା ସହ ଅକଥନୀୟ ଅତ୍ୟାଚାର କରୁଥିଲେ। ଫଳରେ ବାଧ ହୋଇ ସଞ୍ଜୟଙ୍କ ଝିଅ ଦୁଇ ବର୍ଷତଳୁ ଦିପୁଙ୍କଠାରୁ ଛାଡପତ୍ର ନେଇଯାଇଥିଲେ। ସୋମବାର ଜ୍ୱାଇଁ ଦିପୁ ପ୍ରଚୁର ମଦ୍ୟପାନ କରି ଶ୍ୱଶୁର ଘରେ ପହଞ୍ଚିଥିଲେ। ନିଶାସକ୍ତ ଅବସ୍ଥାରେ ପୁଅକୁ ଛଡେଇ ନେବାକୁ ଚେଷ୍ଟା କରିବାରୁ ପରିବାର ଲୋକ ବିରୋଧ କରିଥିଲେ। ଏଥିରେ ଦିପୁ ଉତ୍ତ୍ୟକ୍ତ ହୋଇ ଶ୍ୱଶୁର ସଞ୍ଜୟ ଏବଂ ଶଳା ରଞ୍ଜନ(ସଞ୍ଜୟଙ୍କ ପୁଅ)ଙ୍କୁ ଲୁହା ରଡରେ ମାଡମାରି ରକ୍ତାକ୍ତ କରିଦେଇଥିଲେ। ସଞ୍ଜୟଙ୍କ ମୁଣ୍ଡରେ ୬ଟି ଏବଂ ତାଙ୍କ ପୁଅ ମୁଣ୍ଡରେ ୭ଟି ଷ୍ଟିଚ୍ ପଡିଛି। ଏ ନେଇ ସଞ୍ଜୟ ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଚାଲୁ ରଖିଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବାଲିଅନ୍ତା,୩୦।୪(ଡି.ଏନ୍.ଏ.):** ବାଲିଅନ୍ତା ଥାନା ପୋଲିସ ମଙ୍ଗଳବାର ନୂଆ ସାହି ଗ୍ରାମ ନିକଟରେ ପ୍ରବାହିତ ଗୋପ ବ୍ରାଞ୍ଚ କେନାଲରେ ଭାସୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଏହି ଥାନା ଅଧୀନ ପ୍ରତାପରୁଦ୍ର ପଞ୍ଚାୟତର ନୂଆ ସାହି ଗ୍ରାମର ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପଣ୍ଡାଙ୍କ ବଡପପୁଅ ମନୋଜ କୁମାର ମିଶ୍ର(୪୭)। ପୋଲିସ ସୂଚନା ମୁତାବକ, ଗ୍ରାମର ଗତୁରିଆ ଛକରେ ମନୋଜଙ୍କ ଏକ ଚା' ଦୋକାନ ରହିଛି। ସୋମବାର ରାତି ୧୦ଟାରେ ଦୋକାନ ବନ୍ଦ କରି ମନୋଜ ଘରକୁ ଯିବା ପାଇଁ ବାହାରିଥିଲେ। ଘରକୁ ଯିବା ବାଟରେ ଉକ୍ତ କେନାଲ ବନ୍ଧରେ ମନୋଜ କିଛି ସମୟ ବସିଥିବା ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ କେନାଲକୁ ଖସି ପଡ଼ିଥିଲେ। ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ଏ ନେଇ ପରିବାର ଲୋକେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ମୃତଦେହ ମିଳିବା ପରେ ନଂ ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ବାଲିଅନ୍ତା,୩୦।୪(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ପଞ୍ଚାୟତର ଏକ ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସୂଚନା ଅନୁଯାୟୀ, ସେହି ଗ୍ରାମର ଜଣେ ଯୁବକ ଦୀର୍ଘ ତିନି ବର୍ଷ ଧରି ଉକ୍ତ ଯୁବତୀଙ୍କୁ ଭଲ ପାଇ ଆସୁଥିଲେ। ଏପରି କି ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ସୋମବାର ରାତିରେ ଯୁବତୀ ଜଣକ ଶୀଘ୍ର ବିବାହ କରିବାକୁ ବାଧ କରିବାରୁ ଯୁବକ ମନା କରି ଦେଇଥିଲେ। ଫଳରେ ଥାନାରେ ଯୁବକଙ୍କ ବିରୋଧରେ ପ୍ରତାରଣା କରି ବଳାତ୍କାର କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

### ୧୩ ରେ ବ୍ରହ୍ମେଶ୍ୱରପାଟଣା ଭଗବତ ମେଳଣ

**ପୁରୁଣା ଭୁବନେଶ୍ୱର, ୩୦। ୪ (ଡି.ଏନ.ଏ.):** ରାଜଧାନୀ ଭୁବନେଶ୍ୱରରେ ମଧ ସର୍ବପୁରାତନ ବ୍ରହ୍ମେଶ୍ୱରପାଟଣା ଭଗବତ ମେଳଣ ଆସନ୍ତା ୧୩ ରୁ ଅନୁଷ୍ଠିତ ହେବ। ବ୍ରହ୍ମେଶ୍ୱରପାଟଣା ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ମେଳଣରେ କେଶୁରା, ବାଙ୍କୁଆଳ, ଲକ୍ଷ୍ମୀସାଗର, ବଡ଼ଗଡ଼, ଦୁର୍ଗାପୁରପାଟଣା ଗ୍ରାମର ଭଗବତ ଦୋଳ ବିମାନ ଏଥିରେ ସାମିଲ ହେବେ। ୮୬ ବର୍ଷରେ ଏହି ମେଳଣ ପଦାର୍ପଣ କରୁଥିବାରୁ ଏହାକୁ ସରସ, ସୁନ୍ଦର ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରିବାପାଇଁ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମେଶ୍ୱରପାଟଣାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରାମବାସୀ ଏହି ନିଷ୍ପତ୍ତି ନେଇଛନ୍ତି। ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମେଳଣରେ ଶେଷଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ମେଳଣ ପରିଚାଳନା କମିଟି ସଭାପତି ଗୋଲକ ଦାଶ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୁରୁ ଚରଣ ମହାପାତ୍ର, ଭାସ୍କର ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

■ 'ଫନୀ' ମୁକାବିଲା ଲାଗି ବିଏମ୍‌ସିର ପ୍ରସ୍ତୁତି ବୈଠକ

# ଆଜିଠୁ ଖୋଲାରହିବ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**




ଆୟୋଜିତ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ।

- ଟୋଲ୍ ଫ୍ରି ନମ୍ବର ଜାରି
- ମିଳିବ ୨୪ ଘଣ୍ଟିଆ ସେବା ସହ ସମସ୍ତ ସୂଚନା
- ସହରର ସଫେଇ, ଜଳ ନିଷ୍କାସନ ଲାଗି ନିର୍ଦ୍ଦେଶ
- ବିପଦପୂର୍ଣ୍ଣ ସ୍ଥିତିରେ ଥିବା ଲୋକଙ୍କୁ ଉଦ୍ଧାର ଓ ଖାଦ୍ୟ ଦେବା ବ୍ୟବସ୍ଥା

ଭାରତୀୟ ପାଣିପାଗ ବିଭାଗର ସୂଚନାକୁ ଆଧାର କରି ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସଭାଗୃହରେ 'ଫନୀ' ମୁକାବିଲା ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ମେ ୧ରୁ ୫ତାରିଖ ଯାଏ ବିଏମ୍‌ସି କାର୍ଯ୍ୟାଳୟରେ ୨୪ଘଣ୍ଟିଆ ଏକ କଣ୍ଟ୍ରୋଲ ରୁମ୍ ଖୋଲାରହିବ। ଜନସାଧାରଣଙ୍କ ସୁରକ୍ଷା, ଆବଶ୍ୟକ ସୂଚନା ଓ ସେବା ଯୋଗାଇ ଦେବା ଲାଗି ଏହି ବ୍ୟବସ୍ଥା କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି କୌଣସି ସୂଚନା ଓ ଅଭିଯୋଗ ନିମନ୍ତେ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୦୦୬୧ ଏବଂ ବିଏମ୍‌ସି ଗ୍ରିଭାନ୍ସ ସେଲ୍ ନମ୍ବର ୦୬୭୪୨୪୩୧୨୫୩ ଜାରି କରାଯାଇଛି। ଏହି ନମ୍ବରକୁ ଫୋନ୍ କରି ଜନସାଧାରଣ ସମସ୍ତ ପ୍ରକାର ଅଭିଯୋଗ କରିପାରିବା ସହିତ 'ଫନୀ' ସମ୍ପର୍କିତ ସୂଚନା ପାଇପାରିବେ। ନଚେତ୍ କୌଣସି ବ୍ୟକ୍ତି ଚାହିଁଲେ ନିଜେ ଆସି ବିଏମ୍‌ସି କାର୍ଯ୍ୟାଳୟରେ ଅଭିଯୋଗ ଜଣାଇପାରିବେ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ମଲ୍ଲିକ କହିଛନ୍ତି। ଆସନ୍ତା ୫ଦିନ ଧରି କଣ୍ଟ୍ରୋଲ ରୁମ୍‌ରେ ବିଭିନ୍ନ ବିଭାଗର ପ୍ରତିନିଧି ଉପସ୍ଥିତ ରହି ସେବା ଯୋଗାଇ ଦେବେ। ଲୋକଙ୍କ ସହଯୋଗ ରହିଲେ ବିଏମ୍‌ସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

ବାତ୍ୟା ମୁକାବିଲା ପାଇଁ ବିଏମ୍‌ସି କଣ୍ଟ୍ରୋଲ ରୁମ୍‌ର ପରିଚାଳନା ଏବଂ ମୁଖ୍ୟ ଦାୟିତ୍ୱରେ ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ, ମୁଖ୍ୟ ବିତ୍ତ ଆଡ୍‌ଭାଇଜର ଲବନ୍ୟ ଶବର ଓ ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର ରହିଛନ୍ତି। ଭୁବନେଶ୍ୱର ଅଞ୍ଚଳକୁ ମୋଟ ୧୩ଟି ଜୋନ୍‌ରେ ଭାଗ କରାଯାଇ ୧୩ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ଆବଶ୍ୟକ ସଫେଇ ବ୍ୟବସ୍ଥା, ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା, ଡ୍ରେନ୍ ସଫା ଆଦି ପାଇଁ ଇଞ୍ଜିନିୟର ଓ ପରିମଳ କର୍ମଚାରୀ ମୁତୟନ ରହିବେ। ପରିସ୍ଥିତିକୁ ନଜରରେ ରଖି ଏହାକୁ ପାଳନ କରିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ, ଜନସ୍ୱାସ୍ଥ୍ୟ, ନିର୍ମାଣ, ସେତୁ, ଜାଇକା, ଯୋଗାଣ ବିଭାଗ, ବିପର୍ଯ୍ୟୟ ମୁକାବିଲା ଦଳଙ୍କ ସହଯୋଗରେ ଏହି କାର୍ଯ୍ୟ କରାଯିବ। ବିପଦପୂର୍ଣ୍ଣ ପରିସ୍ଥିତିରେ ଥିବା ଲୋକଙ୍କୁ ଉଦ୍ଧାର ସହ ଖାଦ୍ୟ ପ୍ରଦାନର ବ୍ୟବସ୍ଥା ହେବ। ଏହି ପ୍ରସ୍ତୁତି ବୈଠକରେ ବିଏମ୍‌ସିର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବାତ୍ୟା ମୁକାବିଲା ଲାଗି ବିଏମ୍‌ସିରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଛୁଟି ବାତିଲ କରିବାକୁ ପରାମର୍ଶ ଦିଆଯାଇଛି।

## ଶିଶୁ ଶ୍ରମ ବିରୋଧ ଦିବସ




ମହିଳାମାନେ ଶିଶୁ ଶ୍ରମ ବିରୋଧ ଦିବସର ବ୍ୟାନର ଧରି ଛିଡା ହୋଇଛନ୍ତି।

**ବାଲକାଟୀ,୩୦।୪(ଡି.ଏନ୍.ଏ.)**

ବାଲକାଟୀସ୍ଥିତ ପ୍ରତାପଶାସନ ପଞ୍ଚାୟତ ସଭା ଗୃହରେ ମଙ୍ଗଳବାର ଶିଶୁ ଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିକ୍ସ' ଓ 'ଦି ହଙ୍ଗର ପ୍ରୋଜେକ୍ଟ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଅଲିଭା ମହିଳା ପ୍ରତିନିଧି ସଂଘ ସଭାନେତ୍ରୀ ସ୍ୱପ୍ନା ଭୋଇ ଯୋଗଦେଇ ପଞ୍ଚାୟତ ଓ ବ୍ଲକକୁ କିପରି ଶିଶୁ ଶ୍ରମ ବିରୋଧ ଅଞ୍ଚଳ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହିଳାମାନେ ଏକ ପଦଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା କରିଥିଲେ। ଏହାପରେ ପଞ୍ଚାୟତର ମହିଳା ଜନପ୍ରତିନିଧି, ପୂର୍ବତନ ମହିଳା ଜନପ୍ରତିନିଧି, ଅବସରପ୍ରାପ୍ତ ମହିଳା କର୍ମଚାରୀ ଏବଂ ସାଧାରଣ ମହିଳା ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବାସହ ଏକ ମହିଳା ଅଧିକାର ସାମ୍ମୁଖ୍ୟ ଗଠନ କରାଯାଇଥିଲା। ଏଥିରେ ପ୍ରତାପଶାସନ, ପୂରଣପ୍ରଧାନ, ଝିଣ୍ଟିଶାସନ ଓ ପୁରୋହିତପୁର ଗ୍ରାମପଞ୍ଚାୟତର ୨୧ଜଣ ମହିଳା ଜନପ୍ରତିନିଧି ଯୋଗଦେଇଥିଲେ। ପିକ୍ସର ବ୍ଲକ ସଂଯୋଜିକା ଉପମା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ଅବସରରେ ସାମ୍ମୁଖ୍ୟ ଗଠନ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।



ଭୁବନେଶ୍ୱର ସଂସ୍କୃତି ଭବନଠାରେ ମଙ୍ଗଳବାର ଓଡ଼ିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମରେ ସାହିତ୍ୟିକ ଡ.ବାବାଜୀ ଚରଣ ପଟ୍ଟନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷଙ୍କ ଅବସର

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପିଜି କାଉନସିଲ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ପ୍ରଫେସର ଶତପଥୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିହାର ମୋତିହାରିସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ କୁମାର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସିଡିସି ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ଜୟକୃଷ୍ଣ ବରାଳ, ପୂର୍ବତନ କୁଳପତି ଲକ୍ଷ୍ମୀନାରାୟଣ ମିଶ୍ର ଓ ଶୁକଦେବ ନନ୍ଦ, ଅଧ୍ୟାପକ ବିଶ୍ୱରଞ୍ଜନ, ସୁସ୍ମିତା ପାଣି, ଯୁଗଳ ମିଶ୍ର, କିଶୋର କୁମାର ବାସା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ସ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ସୁରକ୍ଷା ସେନାର ସମସ୍ତ ଜିଲା, ରାଜ୍ୟ କମିଟି ବରଖାସ୍ତ

**କଟକ ଅଫିସ, ୩୦।୪**

ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଯୋଶୀ ଓଡ଼ିଶା ସୁରକ୍ଷା ସେନାର ବର୍ତ୍ତମାନର ସମସ୍ତ ରାଜ୍ୟ ଓ ଜିଲା କମିଟିକୁ ମଙ୍ଗଳବାର ବରଖାସ୍ତ ଘୋଷଣା କରିଛନ୍ତି। ଏକ ନୂତନ କମିଟି ଯଥାଶୀଘ୍ର ଗଠନ କରାଯିବ ବୋଲି ଯୋଶୀ କହିଛନ୍ତି। ଯେପର୍ଯ୍ୟନ୍ତ ନୂତନ କମିଟିର ଗଠନ କରାଯାଇ ନାହିଁ ସେପର୍ଯ୍ୟନ୍ତ ଓଡ଼ିଶା ସୁରକ୍ଷା ସେନାର ସମସ୍ତ ପଦପଦବୀ ବର୍ତ୍ତମାନ ସମୟରୁ ଖାଲି ରହିବ ବୋଲି ଘୋଷଣା କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶା ସୁରକ୍ଷା ସେନା ସାମାଜିକ-ରାଜନୈତିକ ଅନୁଷ୍ଠାନ ଭାବେ ୫ ବର୍ଷ ତଳେ ଗଠନ କରାଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶା ସୁରକ୍ଷା ସେନା ସିଧାସଳଖ ଭାବେ ତା'ର କୌଣସି ପ୍ରାର୍ଥୀ ନ ଦେଇ କଂଗ୍ରେସକୁ ନିଃସର୍ତ୍ତ ସମର୍ଥନ ଜଣାଇଥିଲା। ତେବେ ଗତ ନିର୍ବାଚନରେ କେତେକ କାର୍ଯ୍ୟକର୍ତ୍ତା ଦଳର ନିଷ୍ପତ୍ତି ବିରୋଧରେ କାର୍ଯ୍ୟକ୍ରମ କରିଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## ଫନୀ ପାଇଁ ନନ୍ଦନକାନନ କର୍ମଚାରୀଙ୍କ ଛୁଟି ବାତିଲ

**ବାରଙ୍ଗ,୩୦।୪(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ଫନୀକୁ ନେଇ ଏବେ ସମସ୍ତଙ୍କ ଚିନ୍ତା ବଢିଯାଇଛି। ଫନୀର ଗତିପଥ ବଦଳିବା ସହ ଭୟଙ୍କର ରୂପରେଖ ନେଇ ଓଡିଶାର ଉପକୂଳ ଛୁଇଁବାର ସମ୍ଭାବନା ଥିବାର ପାଣିପାଗ ବିଭାଗ ପକ୍ଷରୁ କୁହାଯିବା ପରେ ମୁକାବିଲା ପାଇଁ ସରକାରୀ ସ୍ତରରେ ତତ୍ପରତା ଦେଖାଦେଇଛି। ଫନୀର ମୁକାବିଲା ପାଇଁ ମଙ୍ଗଳବାର ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜନ୍ତୁ ବିଭାଗ ଏସିଏଫ ଅଞ୍ଜନ କୁମାର ମହାନ୍ତି, ପର୍ଯ୍ୟଟକ ବିଭାଗ ଏସିଏଫ ଅମୂଲ୍ୟ କୁମାର ପରିଡା, ବଟାନିକାଲ ଗାର୍ଡେନ ଏସିଏଫ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ ଅଶୋକ କୁମାର ଦାସ, ରେଞ୍ଜର କୁମାର ବେହେର, ରଞ୍ଜନ କୁମାର ମହାନ୍ତି, କମଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାତ୍ୟାର ପ୍ରକୋପ ଦେଖି ଜୀବଜନ୍ତୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦୃଷ୍ଟିଦେବାକୁ ନିଷ୍ପତ୍ତି ନିଆଯାଇଥିଲା। କର୍ମଚାରୀମାନେ ମୁତୟନ ରହି ବାତ୍ୟା ସମୟରେ ଜୀବଜନ୍ତୁମାନଙ୍କୁ ଏନକ୍ଲୋଜରରୁ ତୁରନ୍ତ ଫିଡିଂ ଚାମ୍ବର ମଧ୍ୟରେ ରଖିବାକୁ କୁହାଯାଇଥିଲା। ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାସହ ନନ୍ଦନକାନନର ସବୁବିଭାଗ ରେଞ୍ଜରମାନଙ୍କ ଅଧୀନରେ ଥିବା କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ହୋଇଥିଲା। ବିଦ୍ୟୁତ ସରବରାହରେ ବ୍ୟାଘାତ ହେବାର ଆଶଙ୍କା କରାଯାଇ ଆବଶ୍ୟକୀୟ ପରିମାଣର ପେଟ୍ରୋଲ, ଡିଜେଲ, କିରୋସିନ , ଟର୍ଚ୍ଚ, ବେଟେରି ମହଜୁଦ ରଖିବାକୁ କୁହାଯାଇଥିଲା। ବିଦ୍ୟୁତ୍ ତା'ର ପାଖରେ ଥିବା ବଡବଡ ଗଛଗୁଡିକୁ କାଟିବା ସହ ବାତ୍ୟାପରେ ଭାଙ୍ଗିଯାଇଥିବା ଗଛଗୁଡିକୁ କାଟିବା, ରାସ୍ତାଘାଟ ସଫା କରିବା ପାଇଁ ଆବଶ୍ୟକତା ଥିବା ଯନ୍ତ୍ରାଂଶଗୁଡିକୁ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ବାତ୍ୟା ସମୟରେ ୨୪ଘଣ୍ଟିଆ ପାଟ୍ରୋଲିଂ ପାଇଁ ଅଧିକ ସଂଖ୍ୟକ ଗାଡି, ଟ୍ରାକ୍ଟର, ଚାଳକ ସବୁସମୟରେ ପ୍ରସ୍ତୁତ ରହିବା ସହ ପାଟ୍ରୋଲିଂ କଡାକଡି ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ଭାବ୍ୟ ବାତ୍ୟାର ସ୍ଥିତିକୁ ଦେଖି ପଦକ୍ଷେପ ନେବାକୁ ପର୍ଯ୍ୟଟନ ଏସିଏଫ ଅମୂଲ୍ୟ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ପ୍ରସ୍ତୁତ କରାଯାଇଥିଲା । ୧୫ଦିନ ପାଇଁ ଜନ୍ତୁ ଖାଦ୍ୟ ମହଜୁଦ ରଖିବାକୁ ନିଷ୍ପତ୍ତି ହୋଇଥିଲା । ଫନୀ ପାଇଁ ନନ୍ଦନକାନନର ଚତୁର୍ଥଶ୍ରେଣୀ କର୍ମଚାରୀ ସମେତ ଅଫିସର ପର୍ଯ୍ୟନ୍ତ ୨୨୦ଜଣଙ୍କର ଛୁଟି ବାତିଲ ଉପ-ନିର୍ଦ୍ଦେଶକ ଜୟନ୍ତ ଦାସ କରିଥିଲେ। ଆମେ ବିଭିନ୍ନ ଦିଗରୁ ପ୍ରସ୍ତୁତ ଅଛୁ ବୋଲି ନନ୍ଦନକାନନ ପର୍ଯ୍ୟଟନ ବିଭାଗ ଏସିଏଫ ଅମୂଲ୍ୟ ପରିଡା କହିଛନ୍ତି।

### ଖୋର୍ଦ୍ଧାରୋଡ୍ ରେଳ ଡିଭିଜନରେ ନୂତନ ଡିଆର୍‌ଏମ୍

**ଜଟଣୀ,୩୦।୪(ଡି.ଏନ.ଏ.)**

ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ନୂତନ ଡିଆର୍‌ଏମ୍ ଭାବେ ଶଶିକାନ୍ତ ସିଂ ଯୋଗ ଦେଇଛନ୍ତି। ସେ ୧୯୯୦ବ୍ୟାଚ୍‌ର ଆଇଆର୍‌ଟିଏସ୍ ଅଧିକାରୀ। ଏଠାରେ ଯୋଗ ଦେବା ପୂର୍ବରୁ ସେ ବମ୍ବେ ସେଣ୍ଟ୍ରାଲ ରେଲୱେରେ ଚିଫ୍ କମର୍ସିଆଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏହାସହ ଭାରତୀୟ ରେଲୱେର ବିଭିନ୍ନ ଡିଭିଜନରେ ବରିଷ୍ଠ ବାଣିଜ୍ୟ ଅଧିକାରୀ, ଡେପୁଟି ଚିଫ୍ କମରସିଆଲ୍ ମ୍ୟାନେଜର ଆଦି ବିଭିନ୍ନ ପଦପଦବୀରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ନୂଆ ପରିସରରେ ଏଚ୍‌ଡିଏଫ୍‌ସିର କିଟ୍ ଶାଖା




**ଭୁବନେଶ୍ୱର,୩୦।୪**

ଏଚ୍‌ଡିଏଫ୍‌ସି ବ୍ୟାଙ୍କର କିଟ୍ ୟୁନିଭର୍ସିଟି ସ୍ଥିତ ଶାଖା କ୍ୟାମ୍ପସ-୫କୁ ସ୍ଥାନାନ୍ତର ହୋଇଛି। ଏହାକୁ କିଟ,କିସ୍ ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଧାବିକା ଦୂତୀ ଚାନ୍ଦ, ବ୍ୟାଙ୍କର ଜୋନାଲ ମୁଖ୍ୟ ରାଜେଶ ଶ୍ରୀବାସ୍ତବ ଉଦ୍‌ଘାଟନ କରିଥିଲେ। କିଟ୍ ଟିବିଆଇରେ ଷ୍ଟାର୍ଟ ଅପ୍‌ଗୁଡିକୁ ସହାୟତା ଲାଗି ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଜୋନାଲ ମୁଖ୍ୟ ଶ୍ରୀବାସ୍ତବ ୬୦ ଲକ୍ଷର ଏକ ଚେକ୍ ହସ୍ତାନ୍ତର କରିଛନ୍ତି। କ୍ୟାମ୍ପସରେ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ଯୋଗାଣ ଦିଗରେ କାର୍ଯ୍ୟଧାରା ଜାରି ରଖିବ ବୋଲି ଶ୍ରୀବାସ୍ତବ ଏଥିରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଶାଖା ପ୍ରବନ୍ଧକ ନିଖିଲ ପାତ୍ର ବ୍ୟାଙ୍କର ଅନ୍ୟ କର୍ମଚାରୀ ଏବଂ ୟୁନିଭର୍ସିଟିର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଡିଜିଟାଲାଇଜ୍‌ଡ ହେଲା ଓୟୁଏଟି ପାଠାଗାର

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପାଠାଗାର 'ଡିଜିଟାଲ ଲାଇବ୍ରେରି'ରେ ପରିଣତ ହୋଇଛି। ପାଠାଗାରରେ ଗଚ୍ଛିତ ଥିବା ସମସ୍ତ ୫୨୫୦ ସ୍ନାତକୋତ୍ତର ଓ ପିଏଚ୍‌ଡି ସନ୍ଦର୍ଭକୁ ଡିଜିଟାଲାଇଜ୍‌ଡ କରାଯାଇଛି, ଯାହାକି 'କୃଷିକୋଷ' ପୋର୍ଟାଲ ମାଧ୍ୟମରେ ମିଳିପାରୁଛି। ପାଠାଗାର ଡିଜିଟାଲାଇଜ୍‌ଡ ହେବା ପରେ ସର୍ବସାଧାରଣଙ୍କ ବ୍ୟବହାରରେ ଲାଗିପାରୁଛି। ଯେକୌଣସି ଛାତ୍ରୀଛାତ୍ର ଓ ଗବେଷକ ବିନା ଖର୍ଚ୍ଚରେ 'କୃଷିକୋଷ' ମାଧ୍ୟମରେ ସମ୍ପୂର୍ଣ୍ଣ ସନ୍ଦର୍ଭଟିକୁ ପଢ଼ିପାରୁଛନ୍ତି। ଏହାସହିତ ବହୁଳ ବ୍ୟବହୃତ କେତେକ ବହି ଓ ରିପୋର୍ଟ ମଧ୍ୟ ଡିଜିଟାଲ ହୋଇଛି। ପାଠାଗାରର ଅନେକ ପୁରୁଣା ବହିକୁ ଡିଜିଟାଲାଇଜ୍‌ଡ କରିବାକୁ ଉଦ୍ୟମ ଜାରି ରହିଛି। ପାଠାଗାରଟି ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ହୋଇପାରିଛି। 'କୋହା' ସଫ୍ଟୱେର ମାଧ୍ୟମରେ ପାଠାଗାରର ସମସ୍ତ ପ୍ରକାର କାର୍ଯ୍ୟକ୍ରମ ସ୍ୱୟଂଚାଳିତ ହୋଇଛି। 'କୋହା' ଏକ ଆନ୍ତର୍ଜାତିକ ଲାଇବ୍ରେରି ଅଟୋମେଶନ ସଫ୍ଟୱେର, ଯାହା ବଡ଼ ବଡ଼ ପାଠାଗାରରେ ବ୍ୟବହୃତ ହୋଇଥାଏ। ଏତଦ୍ ବ୍ୟତୀତ ଓୟୁଏଟି ପାଠାଗାରରେ ଇ-ବୁକ୍‌ସ ଏବଂ ଇ-ଜର୍ନାଲ ମଧ୍ୟ ଉପଲବ୍ଧ ହୋଇଛି। ଏ ସମସ୍ତ ପ୍ରକାର ଉନ୍ନତି ପାଠାଗାରର ମୁଖ୍ୟ ଗ୍ରନ୍ଥାଗାରିକ ଡ. ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଉଦ୍ୟମରେ ସମ୍ଭବ ହୋଇପାରିଛି। ସୂଚନାଯୋଗ୍ୟ, ୨୦୧୮ରେ ଉତ୍ତର ଭାରତର କୃଷି ବିଶ୍ୱବିଦ୍ୟାଳୟ ପାଠାଗାରଗୁଡ଼ିକ ମଧ୍ୟରେ ଓୟୁଏଟି ଶ୍ରେଷ୍ଠ ବିବେଚିତ ହୋଇଥିଲା।

## କାରଣ ଦର୍ଶାଅ ନୋଟିସ ଗ୍ରହଣ କରୁନାହାନ୍ତି ଜବରଦଖଲକାରୀ

**ପୁରୁଣା ଭୁବନେଶ୍ୱର, ୩୦। ୪ (ଡି.ଏନ.ଏ.)**

ଜବରଦଖଲକାରୀମାନେ ସରକାରୀ ଜମି ଜବରଦଖଲ କରି ସାରିବା ପରେ ମଠ, ମନ୍ଦିର ଭଳି ଐତିହ୍ୟ ସ୍ଥଳଗୁଡିକରେ ବେଆଇନ ଗୃହ ନିର୍ମାଣ କରି ଚାଲିଛନ୍ତି। ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବିଭାଗ ହାତଟେକି ବସୁଛି। ଫଳରେ ଅନେକ କାରୁକାର୍ଯ୍ୟ ଖଚିତ ମନ୍ଦିରଗୁଡିକ ନିଜର ସୌନ୍ଦର୍ଯ୍ୟ ହରାଇବା ସହ ଲୋକଲୋଚନରୁ ଦୂରେଇ ଯାଉଛି। ଏପରି କି ବେଆଇନ୍ କୋଠା ନିର୍ମାଣ କରୁଥିବା ବ୍ୟକ୍ତି ବିଶେଷ କାରଣ ଦର୍ଶାଅ ନୋଟିସ୍ ଗ୍ରହଣ ନ କରି ବେଖାତିର ଭାବେ ଡାକବାଲାକୁ ଫେରାଇ ଦେଉଛନ୍ତି। ଏକାମ୍ର କ୍ଷେତ୍ରର ରଥଦାଣ୍ଡରେ ଥିବା ତ୍ରୟୋଦଶ ଶତାବ୍ଦୀର ବୈତାଳ ମନ୍ଦିର ଚର୍ତୁପାର୍ଶ୍ୱରେ କୋଠା ନିର୍ମାଣ ନେଇ ମନ୍ଦିରଟି ସତ୍ତା ହରାଇବାକୁ ବସିଛି। ମନ୍ଦିରର ଭିତ୍ତିଭୂମି ବର୍ଷାଦିନେ ବର୍ଷାଜଳରେ ବୁଡ଼ି ରହିବାରୁ ବିଭିନ୍ନ କାରୁକାର୍ଯ୍ୟ ଓ ପଥରରେ ନିର୍ମିତ ପଶୁ ପକ୍ଷୀ, ଦେବଦେବୀ ପ୍ରତିମୂର୍ତ୍ତି ଅବକ୍ଷୟ ହେବା ଭଳି ବିପଦ ରହିଥିବା ବେଳେ ଏବେ ବେଆଇନ କୋଠାଗୁଡ଼ିକ ମନ୍ଦିରକୁ ସୌନ୍ଦର୍ଯ୍ୟହୀନ କରିଛି। ନିକଟରେ ମୁକ୍ତେଶ୍ୱର ମନ୍ଦିର ପରିସରରେ ଏଭଳି ଏକ ଯୋଜନା ପାଇଁ ପରିସର ଖୋଳାଯିବା ବେଳେ ଏଏସ୍‌ଆଇ ବିରୋଧ କରିଥିବାରୁ ତାହା ଉପରେ ରୋକ ଲଗାଯାଇଛି। ଐତିହ୍ୟ ଶିଶୁପାଳଗଡ଼ର ପ୍ରାଚୀର ଏବଂ ଜଳାଶ୍ରୟ ଜବରଦଖଲକାରୀମାନେ କବ୍‌ଜାକୁ ନେଉଥିବାବେଳେ ମୂକସାକ୍ଷୀ କେତୋଟି ଖୁମ୍ବ କେବଳ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବ୍ରହ୍ମେଶ୍ୱର ମନ୍ଦିର, ଶୁକଶାରୀ ମନ୍ଦିର, ଭବାନୀଶଙ୍କର ମନ୍ଦିର ଭଳି ଏକାଦଶ ଏବଂ ଦ୍ୱାଦଶ ଶତାବ୍ଦୀର ବହୁ ମନ୍ଦିରର ଚତୁଃପାର୍ଶ୍ୱରେ ବେଆଇନ ନିର୍ମାଣ ଚାଲିଛି। ଏଥିପାଇଁ ଏଏସ୍‌ଆଇ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ପଠାଯାଇଥିଲେ ମଧ୍ୟ ବେଖାତିର କରି ଜବରଦଖଲକାରୀ ଚିଠି ଗ୍ରହଣ କରୁ ନ ଥିବା ବିଭାଗ କହିଛି। କେତେକ ସ୍ଥାନରେ ବିଭାଗର ସମ୍ପର୍କୀୟ ଅଧିକାରୀମାନଙ୍କ ସଲାସୁତରା ପାଇଁ ଏଭଳି ଅଘଟଣ ଘଟୁଥିବା ନଜିର ମଧ୍ୟ ରହିଛି। ଏ ନେଇ ଏଏସ୍‌ଆଇର ସଂରକ୍ଷଣ ଅଧୀକ୍ଷକ ତୈଲୋକ୍ୟନାଥ ବେହେରାଙ୍କୁ ପଚାରିବାରେ ସେ କହିଲେ, ଆମେ ପକ୍ଷ ହୋଇ ମଧ୍ୟ ଅନେକ ବେଆଇନ କୋଠା ପାଇଁ କେସ୍ ଦାଏର କରିଛୁ। ପ୍ରଶାସନର ନୀରବତା, ପୋଲିସ୍‌ର ସ୍ଥାଣୁତା ପାଇଁ ଜବରଦଖଲକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନାହିଁ।

**ଜବରଦଖଲରେ ଐତିହ୍ୟସ୍ଥଳ**





ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ରଘୁନାଥପୁର, ୩୦।୪ (ଡି.ଏନ.ଏ.):** ଅଂଶୁଘାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ଅଭିଯୋଗ ହେଉଛି। ସେ ହେଲେ ରଘୁନାଥପୁର ବ୍ଲକ ଗୁଆଲିପୁର ଗାଁର ୧୫ ନଂ. ୱାର୍ଡର ଚାଷୀ ରବୀନ୍ଦ୍ର ନାଥ ସିଂ (୩୫)। ସେ ନିଜ ବିଲରେ ମୁଗ ଓପାଡୁଥିବା ବେଳେ ପୂର୍ବାହ୍ନ ସାଢେ ୧୧ଟାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପଡି ଯାଇଥିଲେ। ପାଖରେ ଥିବା ଲୋକେ ତୁରନ୍ତ ରବୀନ୍ଦ୍ରଙ୍କୁ ସ୍ଥାନୀୟ ରେଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ବିଶେଷ ଚିକିତ୍ସା ଉପଲବ୍ଧ ନ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଜଗତ୍‌ସିଂହପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଧିବାସୀ ଓ ପରିବାର ଲୋକେ ରବୀନ୍ଦ୍ରଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି। ରବୀନ୍ଦ୍ର ଜଣେ ଅମାୟିକ ବ୍ୟକ୍ତିତ୍ୱ ଥିବା ଏବଂ ଗ୍ରାମର ସମସ୍ତଙ୍କ ଭଲ ମନ୍ଦରେ ସାମିଲ ହେଉଥିବାରୁ ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରବୀନ୍ଦ୍ରଙ୍କ ଦୁଇ ପୁଅ, ଝିଅ ଥିବାବେଳେ ସେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗାଁର ମୁରବି ଜ୍ଞାନ ରଞ୍ଜନ ପଟ୍ଟନାୟକ, ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ହୃଦ୍‌ଘାତରେ ମୌଲବୀଙ୍କ ପରଲୋକ

**ତିରିଆ,୩୦।୪(ଡି.ଏନ.ଏ.):** ତିରିଆ ବ୍ଲକ ଜମାତ ଅହମ୍ମଦିଆ କରଡ଼ାପଲ୍ଲୀର ମୌଲବୀ ଇଫତେଖାର ଖାଁ(୪୭)ଙ୍କ ମଙ୍ଗଳବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ରାୟପୁରରେ ମୌଲାନା ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ଗ୍ରାମର ଶତବାର୍ଷିକ ପୂର୍ତ୍ତି ଉତ୍ସବ ଓ ଜିଲାସ୍ତରୀୟ ଜଲସା ସାଲାନା ଲାଗି ଗ୍ରାମକୁ ଆସିଥିଲେ। ତାଙ୍କର ହୃଦ୍‌ରୋଗ ଅସ୍ତ୍ରୋପଚାର ହୋଇଥିଲା। ଗ୍ରାମ କବରସ୍ଥାନରେ ତାଙ୍କ ମରଶରୀରକୁ କବର ଦିଆଯାଇଥିଲା।

### ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର



**ରଘୁନାଥପୁର, ୩୦।୪ (ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ଶିର୍ଲୋ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଏକ ହରିଣକୁ ମଙ୍ଗଳବାର ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଗ୍ରାମର ଦୁର୍ଗା ମଣ୍ଡପ ନିକଟରେ ହରିଣକୁ ବୁଲା କୁକୁର ଗୋଡାଉଥିବା ଲକ୍ଷ୍ୟ କରି ଗ୍ରାମର କେତେଜଣ ଯୁବକ ତାକୁ ଉଦ୍ଧାର କରି କଟକ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏସିଏଫ ବିକ୍ରମଦେବ ପଟ୍ଟନାୟକ, ଫରେଷ୍ଟର ପ୍ରମୋଦ କୁମାର ସିଂ ଓ ଫରେଷ୍ଟ ଗାର୍ଡ ସୁଜିତ୍ କୁମାର ଟୁଡୁଙ୍କ ସହ ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି ହରିଣକୁ ଏକ ଅଟୋ ସାହାଯ୍ୟରେ ରଘୁନାଥପୁର ପଶୁ ଚିକିତ୍ସାଳୟକୁ ଆଣିଥିଲେ। ଏଭିଏସ୍ ସୌମ୍ୟ ରଞ୍ଜନ ମହାନ୍ତି ହରିଣକୁ ଚିକିତ୍ସା କରିବା ପରେ ସ୍ଥାନୀୟ ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲରେ ଜଗତ୍‌ସିଂହପୁର ବନ ବିଭାଗ ସହାୟତାରେ ଛଡା ଯାଇଥିଲା। କିଶୋରନଗର ଅଞ୍ଚଳରୁ ଉକ୍ତ ହରିଣ ଶିର୍ଲୋ ମହାନଦୀ ପଠା ପର୍ଯ୍ୟନ୍ତ ଚାଲି ଆସିବା ପରେ ପୂର୍ବ ସ୍ଥାନକୁ ଫେରି ନ ପାରି ଜନବସତି ଅଞ୍ଚଳକୁ ଚାଲି ଆସିଥିଲା। ବୁଲା କୁକୁରଙ୍କ ହାବୁଡରେ ପଡି ଦୌଡୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ହରିଣକୁ ଉଦ୍ଧାର କରିଥିଲେ। କଟକ ବନ ବିଭାଗ ହରିଣ ପଲ ରହୁଥିବା ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କଲେ, ହରିଣ ପଲ ଜନବସତି ମୁହାଁ ହୁଅନ୍ତେ ନାହିଁ ବୋଲି ମତପ୍ରକାଶ ପାଇଛି।

■ ପାରଦ ୪୦ ଟପିଲାଣି

# ତଥାପି ଖୋଲୁନି ଜଳଛତ୍ର

**ବଡ଼ମ୍ବା,୩୦।୪(ଡି.ଏନ.ଏ.)**

ପ୍ରାୟ ସପ୍ତାହେ ହେବ ବଡ଼ମ୍ବା ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି। ଏପରି କି ତାପମାତ୍ର ୪୦ ଡିଗ୍ରୀ ଟପି ସାରିଲାଣି। ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଟାଇଁଟାଇଁ ଖରାରେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ଦିନ ୧୦ଟାରୁ ଅପରାହ୍ନ ପ୍ରାୟ ୪ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଯାନବାହନ ଚଳା ବନ୍ଦ ରହିଛି। କୌଣସି ପଥଚାରୀ ମଧ୍ୟ ଏହି ସମୟରେ ଯାତାୟାତ କରୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ଚାଷ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଗାଈ, ଗୋରୁ, ଛେଳି, ମେଣ୍ଢା ଆଦି ପଶୁ ଚରାବୁଲା କରି ପାରୁନାହାନ୍ତି। ତେବେ ଏତେ ସବୁ ସତ୍ତ୍ୱେ ଚୈତ୍ର ମାସ ଯାଇ ବୈଶାଖ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରୀସ୍ତରରେ ଅଞ୍ଚଳରେ ଜଳଛତ୍ର ଖୋଲା ଯାଇପାରିନାହିଁ। ଫଳରେ ଏହାକୁ ନେଇ ଜନସାଧାରଣ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି। ସରକାରୀସ୍ତରରେ ବ୍ଲକ, ତହସିଲ୍ କାର୍ଯ୍ୟାଳୟ ସମେତ ବ୍ଲକ ଅଧୀନ ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର କେନ୍ଦ୍ର ଖୋଲାଯିବାକୁ ନିୟମ ରହିଛି। ହେଲେ କାହିଁକି ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲା ଯାଇନାହିଁ ତାହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି ଜଳଛତ୍ର ଖୋଲା ନ ଯାଏ ତେବେ ଜନ ଆନ୍ଦୋଳନ ଗଢ଼ି ଉଠିବ ବୋଲି କୁହାଯାଉଛି। ଘଟଣା ସମ୍ପର୍କରେ ବିଡିଓ ସଦାନନ୍ଦ ସେଠୀ କହିଛନ୍ତି, ପ୍ରତି ପଞ୍ଚାୟତରେ ଜଳଛତ୍ର କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ନିର୍ବାଚନ ପାଇଁ ଆମେ ବ୍ୟସ୍ତ ଥିବାରୁ ଏହାର ତଦନ୍ତ କରାଯାଇ ନାହିଁ। ଆଗକୁ ଏହା ଉପରେ ଦୃଷ୍ଟି ଦିଆଯିବ। ଯେଉଁମାନେ ଅବହେଳା କରିଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଜଳଛତ୍ର ଖୋଲୁଛି ଏବଂ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି।



ଗ୍ରୀଷ୍ମପ୍ରବାହ ଯୋଗୁ ବଡମ୍ବା ଅଞ୍ଚଳର ଏକ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।

■ଦିନ ୧୦ଟାରୁ ଯାନବାହନ ଚଳାଚଳ ବନ୍ଦ

■ବାଧାପ୍ରାପ୍ତ ହେଉଛି ଚାଷ କାର୍ଯ୍ୟ

■ ନାବାଳିକା ଅପହରଣ ମାମଲା

## ଡିସିପିଙ୍କ ନିକଟରେ ଅଭିଯୋଗ

**କଟକ ଅଫିସ୍, ୩୦।୪**

କଟକ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସର ଶିଥିଳତାକୁ ନେଇ ମଙ୍ଗଳବାର ଡିସିପି ଅଖିଳେଶ୍ୱର ସିଂଙ୍କୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଆଇନ ସହାୟତା କେନ୍ଦ୍ରର ଏକ ଟିମ୍ ଭେଟି ଅଭିଯୋଗ କରିଛି। ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ଗତ ଫେବୃୟାରୀ ୧୮ ତାରିଖରେ ଆଠଗଡ ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୨ ମାସରୁ ଅଧିକ ସମୟ ବିତି ଯାଇଥିବା ବେଳେ ପୋଲିସ ଏକ ମାମଲା(୮୧/୧୯) ରୁଜୁ କରି ଚୁପ୍ ବସିପଡିଛି। ଫଳରେ ନାବାଳିକାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ଅଭିଯୁକ୍ତ ଥାନାରୁ ମାମଲା ପ୍ରତ୍ୟାହର କରିନେବାକୁ ତାଙ୍କ ବାପାଙ୍କୁ ଧମକ ଦେଉଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତୁରନ୍ତ ଏହି ମାମଲାକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି।

## ମହୁମାଛି ଆକ୍ରମଣରେ ବୃଦ୍ଧା ଗୁରୁତର

**ସାଲେପୁର,୩୦।୪(ଡି.ଏନ.ଏ.)**

ସାଲେପୁର ବଜାରରେ ରହିଆସୁଥିବା ଜଣେ ଅସହାୟ ବୃଦ୍ଧା ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ସହରର ମା'ସାହେଶ୍ୱରୀଙ୍କ ପୀଠର ବରଗଛରେ ଥିବା ମହୁଫେଣାକୁ କେହି ମଙ୍ଗଳବାର ଟେକା ମାରିଥିଲେ। ମହୁମାଛି ଉଡ଼ି ପୀଠସ୍ଥଳୀ ନିକଟରେ ବସିଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ଅନେକ ଦୌଡ଼ି ପଳାଇଥିଲେ ମଧ୍ୟ ବୃଦ୍ଧ ଜଣକ ଯାଇ ନପାରିବାରୁ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ।

## ସାଲେପୁର ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ସାଲେପୁର,୩୦।୪(ଡି.ଏନ.ଏ.)**

ସାଲେପୁର ପବ୍ଲିକ୍ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷା ଡ. ଜୟନ୍ତୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର କଲେଜ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବଡ଼ମଣିଷ ପରିବର୍ତ୍ତେ ଆଦର୍ଶ ମଣିଷଭାବେ ସମାଜରେ ପରିଚୟ ସୃଷ୍ଟିକରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ସାଲେପୁର ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ୟୁ.ଏଲ୍. ନାରାୟଣ୍ ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଦିଗରେ ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ହାସ୍ୟ ଅଭିନେତା ଦୀପକ୍ କୁମାର ନାୟକ ଯୋଗଦେଇ ଅଭିନୟ ମାଧ୍ୟମରେ ବକ୍ତବ୍ୟଦେଇ ପିଲାଙ୍କ ମନ ମୋହିଥିଲେ। ବିଦ୍ୟାଳୟ ସମ୍ପାଦକ ଦିଲୀପ ବରାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏଥିସହିତ କୃତୀ ଛାତ୍ରୀ ସୁପ୍ରିତ୍ ସେଠୀଙ୍କୁ ଶିକ୍ଷାବିତ୍ ଭାରତଭୂଷଣ ଦାସଙ୍କ ଦ୍ୱରା ଦଉହରି ଦାସ ମେମୋରିଆଲ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନରସିଂହପୁରରେ ରାମଲୀଳା

**ନରସିଂହପୁର,୩୦।୪(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ନିମସାହି ଶ୍ରୀରାମଲୀଳା ପ୍ରସାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ରାମଲୀଳା ଉଦ୍‌ଯାପିତ ହୋଇଯାଇଛି। ପରିଚାଳକ ପ୍ରଶାନ୍ତ ରାଉତ ଓ ସନାତନ ନାୟକଙ୍କ ତତ୍ତ୍ୱାବଧାନରେ ମଞ୍ଚସ୍ଥ ହୋଇଥିବା ରାମଲୀଳା ସତ୍ୟ ଧର୍ମର ପ୍ରତିଷ୍ଠା କରିଥିବାରୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଦେବତା ପୁଷ୍ପ ବୃଷ୍ଟି କରିଥିଲେ। କଳାକାରଙ୍କ କଳାର ଅଭିନୟ ଉତ୍କୃଷ୍ଟ ମାନର ହୋଇଥିବାରୁ ଅଞ୍ଚଳର ଉପସ୍ଥିତ ଦର୍ଶକ ସନ୍ତୋଷ ପ୍ରକାଶ କରିଥିଲେ। ନାଟକର ଉଦ୍‌ଯାପନ ଅବସରରେ ଅନୁଷ୍ଠିତ ନୃତ୍ୟରେ ରାମ ଟୁକୁ ବେହେରା, ସୀତା ବାପୁ ଜେନା, ଲକ୍ଷ୍ମଣ ଟୁଲୁ ବେହେରା, ହନୁମାନ ସୁଶାନ୍ତ ବେହେରା, ରାବଣ ଗୋବିନ୍ଦ ବେହେରା, ବୀଭିଷଣ ପ୍ରତୀଶ ଡାଳୁଆ ପ୍ରମୁଖ ଅଭିନୟ କରିଥିଲେ। ସହଯୋଗୀ କଳାକାର ଭୂମିକାରେ ପ୍ରମୋଦ, ଅକ୍ଷୟ, ବାପୁନି, ପିଣ୍ଟୁ, ଲିଟନ୍, ବୁଲୁ, ଟୁକୁ, ବିବି, ମାନସ, କାଳିଆ, ରାଜୁ, ରବି, ବୀର, ବନମାଳୀ, ରାଜା, ଟିଟେଇ ପ୍ରମୁଖ ଅଭିନୟ କରିଥିଲେ। ଗୀତିନାଟ୍ୟ ପ୍ରଥମ ରାତ୍ରିରୁ ଶେଷ ରାତ୍ରି ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିବାରୁ ଶିକ୍ଷାବିତ୍ ଦେବରାଜ ସ୍ୱାଇଁ ସମସ୍ତ କଳାକାରଙ୍କୁ ପ୍ରଶଂସା କରିଥିଲେ। ସେହିପରି ଓସ୍ତନାରାୟଣୀପୁର ସଂଘ ପକ୍ଷରୁ ଆୟୋଜିତ ରାମଲୀଳା, ମାଧେଇପଦା ନାଟ୍ୟସଂଘ ପକ୍ଷରୁ ଆୟୋଜିତ ରାମଲୀଳା ଏବଂ ଘୋରାଡିଆସ୍ଥିତ ରାମଲୀଳା ସଂଗଠନ ପକ୍ଷରୁ ଆୟୋଜିତ ରାମଲୀଳା ଉଦ୍‌ଯାପିତ ହୋଇଯାଇଛି।

## କଲେଜର ଉନ୍ନତିରେ ଡ. ମିଶ୍ରଙ୍କ ଅବଦାନ ଅତୁଳନୀୟ

**ବାଙ୍କୀ,୩୦।୪(ସ୍ୱ.ପ୍ର.)**

ବାଙ୍କୀ କଲେଜ ଶିକ୍ଷା ବିଭାଗ ପ୍ରାଧ୍ୟାପକ ଡ. କ୍ଷେତ୍ରମୋହନ ମିଶ୍ରଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ଡ. ମିଶ୍ରଙ୍କ ପାଠପଢ଼ା ଶୈଳୀ ଓ କଲେଜର ଉନ୍ନତିରେ ତାଙ୍କ ଅବଦାନ ଅତୁଳନୀୟଥିଲା ବୋଲି କହିଥିଲେ। ସଭାରେ ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ଅଧ୍ୟାପକ ବିଭାସ ଦାସ, ଡ. ନିବାସିନୀ ପଣ୍ଡା, ପ୍ରାଧ୍ୟାପିକା କଳବତୀ ଶତପଥୀ, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଅଧ୍ୟାପିକା ବର୍ଷା ନାୟକ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରାଧ୍ୟାପକ ସରୋଜ ନାୟକ, ପୁଷ୍ପିତା ମହାପାତ୍ର ଓ ବୃନ୍ଦାବନ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।



ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।



ଶ୍ରୀରଘୁନାଥ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କ ବେଶରେ ସୁସଜ୍ଜିତ ହୋଇଥିବା ଅଭିନେତାମାନେ ନଗର ପରିକ୍ରମା କରୁଛନ୍ତି।

## ଅଭିଷେକ ପରେ ଶ୍ରୀରାମଙ୍କ ନଗର ଭ୍ରମଣ

**ସରିଲା ରାମଲୀଳା**

**ଆଠଗଡ଼,୩୦।୪(ସ୍ୱ.ପ୍ର.)**

ଆଠଗଡ଼ ଶ୍ରୀରଘୁନାଥଙ୍କ ମନ୍ଦିରରେ ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଥିବା ରାମଲୀଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୋମବାର ରାତିରେ ମନ୍ଦିର ପରିସରରେ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ତଥା ଅନୁଷ୍ଠାନର ଗୁରୁ ସଦାନନ୍ଦ ସାହୁଙ୍କ ନିର୍ଦ୍ଦେଶିତ ରାବଣ ବଧ ଗୀତିନାଟ୍ୟ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳୁ ପ୍ରଭୁଙ୍କ ଅଭିଷେକ ଉତ୍ସବ ହୋଇଥିଲା। ଏଥିପାଇଁ ପ୍ରଶାସନ ଓ ଶ୍ରୀଶ୍ରୀ ରଘୁନାଥଜୀଉ ରାମଲୀଳା ନାଟ୍ୟସଂଘ ପକ୍ଷରୁ ସ୍ୱତନ୍ତ୍ର ପୂଜା ଆୟୋଜନ କରାଯାଇଥିଲା। ବହୁ ମାନସିକଧାରୀ ଶ୍ରୀଜୀଉଙ୍କ କୃପା ଲାଭ ପାଇଁ ମନ୍ଦିରରେ ଶରଣାପନ୍ନ ହୋଇଥିଲେ। ଶ୍ରୀଜୀଉଙ୍କ କୃପାରୁ ସନ୍ତାନ ଲାଭ କରିଥିବା ଦମ୍ପତି ସେମାନଙ୍କ ସନ୍ତାନଙ୍କୁ ମୁଣ୍ଡନ କରାଇବା ସହ ହନୁମାନ ବେଶରେ ସୁସଜ୍ଜିତ କରାଇଥିଲେ। ପରେ ମାନସିକଧାରୀଙ୍କୁ ଶ୍ରୀରଘୁନାଥ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କ ବେଶରେ ସୁସଜ୍ଜିତ ହୋଇଥିବା ଅଭିନେତାମାନେ ପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ସେମାନେ ନଗର ପରିକ୍ରମା କରିଥିଲେ। ରାମଲୀଳା ସଂଘ ସଭାପତି ପ୍ରଭାକର ପଟ୍ଟନାୟକ, ସମ୍ପାଦକ ପଦ୍ମନାଭ ବେହେରା, ସହସମ୍ପାଦକ ଅଳୁପ ଦାସ, ବରିଷ୍ଠ କାର୍ଯ୍ୟକର୍ତ୍ତା ରଣଜିତ ଭକ୍ତା, ଶିବଶଙ୍କର ଜେନା, ସୁଧାଂଶୁଶେଖର ଦଳେଇ, କ୍ଷୀରୋଦ ଚନ୍ଦ୍ର ବେହେରା, ସୁକାନ୍ତ ସାହୁ, ଶୁଭ୍ରାଂଶୁ ଶେଖର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଆଠଗଡ଼ ସହର ଗଦାସାହିସ୍ଥିତ ଭାଗିରଥି ସାଗରରେ ଘଟ ବିସର୍ଜନ କରାଯାଇଥିଲା।

## ବର୍ଷାଦିନ ପୂର୍ବରୁ ନୂତନ ଡ୍ରେନ୍ ନ ହେଲେ ଆନ୍ଦୋଳନ

**ଖୁଣ୍ଟୁଣୀ,୩୦।୪(ଡି.ଏନ୍.ଏ)**

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଖୁଣ୍ଟୁଣୀ ବଜାର ପାର୍ଶ୍ୱରେ ଥିବା ମୁଖ୍ୟ ଡ୍ରେନକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପୋତିଦେଇଛନ୍ତି। ଫଳରେ ବର୍ଷା ହେଲେ ଖୁଣ୍ଟୁଣୀ ଗ୍ରାମର ନର୍ଦ୍ଦମା ଓ ବର୍ଷା ପାଣି ଜାତୀୟ ରାଜପଥ ଉପରେ ଚାଲିବା ସହ ଗ୍ରାମର ମୁଖ୍ୟ ରାସ୍ତାରେ ପାଣି ଜମା ହୋଇ କୃତ୍ରିମ ବନ୍ୟା ପରିସ୍ଥିତ ସୃଷ୍ଟି ହେଉଛି। ଏନେଇ ଗ୍ରାମବାସୀ ଜାତୀୟ ରାଜପଥ ବିଭାଗ ପକ୍ଷରୁ କାମ ଦିଆଯାଇଥିବା ଠିକାଦାରଙ୍କୁ ପଚାରିବାରେ କୁହନ୍ତି, ଆମ ହାତରେ କିଛି ନାହିଁ, ଯାହା ରାଜପଥ ବିଭାଗ କରିପାରିବ ବୋଲି କହି ଚୁପ ରହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଖୁଣ୍ଟୁଣୀ ବଜାର ଉପରେ ୨କି.ମି. ଲମ୍ୱ ବିଶିଷ୍ଟ ମୁଖ୍ୟ ଡ୍ରେନ ନିର୍ମାଣ ନ କଲେ ଯାତାୟାତ ଓ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଖୁଣ୍ଟୁଣୀ–ରମ୍ଭେଇ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ର କହିଛନ୍ତି। ଠିକାଦାର ଡ୍ରେନ ପୋତିଦେଇଥିବାରୁ ପାଣି ଯିବାର ସମସ୍ୟା ସୃଷ୍ଟି ହେଉଛି। ଡ୍ରେନ କାର୍ଯ୍ୟ ଶୀଘ୍ର ସାରିବାକୁ ଗ୍ରାମବାସୀ ରାଜପଥ ବିଭାବ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଯଦି ଡ୍ରେନ ବର୍ଷା ଦିନ ପୂର୍ବରୁ ନୂତନ ଡ୍ରେନ କାର୍ଯ୍ୟ ଆରମ୍ଭ ନହେଲେ ଗ୍ରାମ୍ୟ କମିଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ଦିଲୀପ ସେଠ୍ କହିଛନ୍ତି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ବିଭାଗର ଜନୈକ କର୍ମକର୍ତ୍ତା ନାମ ଗୋପନ ରଖି କହିଛନ୍ତି, ରାସ୍ତା ନିର୍ମାଣ କାର୍ଯ୍ୟ ଉଭୟ ପଟୁ ଚାଲିଛି । ଖୁବ୍ ଶୀଘ୍ର ଡ୍ରେନ ବର୍ଷା ଦିନ ପୂର୍ବରୁ ଶେଷ କରିବାକୁ ଠିକାଦାରଙ୍କୁ ପରାମର୍ଶ ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ୧୯୮୨ ମସିହାରେ ଜାତୀୟ ରାଜପଥ ବିଭାଗ ପାଣି ନିଷ୍କାସନ ପାଇଁ ଖୁଣ୍ଟୁଣୀ ବଜାର ଗ୍ରାମ ପାର୍ଶ୍ୱରେ ଏହି ଡ୍ରେନ ନିର୍ମାଣ କରିଥିଲା।

## ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ନିମାପଡ଼ା,୩୦।୪**

ଚାରିଛକ–ଗୋପ ରାସ୍ତାର ଛଣିଜଙ୍ଗ ବଜାର ନିକଟରେ ମଙ୍ଗଳବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲୁଙ୍କ ଗ୍ରାମର ଲିପୁନା ପ୍ରଧାନ। ସୂଚନା ଅନୁଯାୟୀ, ଚାରିଛକ ଫାଣ୍ଡି ଅନ୍ତର୍ଗତ ବାଘସାହି ଗ୍ରାମର ବାପି ଭୋଇ ଏକ ବାଇକ୍‌ରେ ଗୋପରୁ ଚାରିଛକ ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଲୁଙ୍କ ଗ୍ରାମର ଲିପୁନା ଏକ ବାଇକରେ ବିପରୀତ ପଟୁ ଆସୁଥିବାବେଳେ ଛଣିଜଙ୍ଗ ବଜାର ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ବାଇକ୍ ଆରୋହୀଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲ ପରେ ଲିପୁନାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଓଡ଼ିଶା ଟେକ୍ସଟାଇଲ ଓ ଷ୍ଟିଲ୍‌ସ ଏମ୍ପ୍ଲୋଇଜ ୟୁନିୟନର କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ, ୩୦।୪**

ନୂଆବଜାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ଆଣ୍ଡ ଷ୍ଟିଲ୍‌ସ ଏମ୍ପ୍ଲୋଇଜ ୟୁନିୟନର ଏକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ୨୦୧୯ ବର୍ଷ ପାଇଁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନୁଷ୍ଠାନର ସଭାପତି ସୌମ୍ୟରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଓ ନିର୍ବାଚନ ଅଧିକାରୀ ଭାବେ ଦିନମଣି ଖୁଣ୍ଟିଆ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଅର୍ଦ୍ଧେନ୍ଦୁ ଶେଖର ଭୋଳ ଓ ସମ୍ମାନୀୟ ବକ୍ତା ଭାବେ ନିରଞ୍ଜନ ପରିଜା ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ ଗତ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସଭାପତିଙ୍କ ଅନୁମୋଦନ କ୍ରମେ ଗତ ବର୍ଷର ନିର୍ବାଚିତ କାର୍ଯ୍ୟକାରୀ ସଭା ଭଙ୍ଗ ଘୋଷଣା କରିଥିଲେ ଓ ନୂତନ କାର୍ଯ୍ୟକାରୀ ସଭା ଗଠନ ନିମନ୍ତେ ସଭ୍ୟମାନଙ୍କୁ ଆହ୍ୱାନ କରିଥିଲେ। ନିର୍ବାଚନ ଅଧିକାରୀ ଦିନମଣି ଖୁଣ୍ଟିଆ ନିର୍ବାଚନ ପରିଚାଳନା କରିଥିଲେ। ସଭ୍ୟମାନଙ୍କ ପ୍ରସ୍ତାବ, ସମର୍ଥନ ଓ ସମ୍ମତି କ୍ରମେ ୨୦୧୯–୨୦ ନିମିତ୍ତ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ତ୍ରିଲୋଚନ ଲେଙ୍କା, କାର୍ଯ୍ୟକାରୀ ସଭାପତି କୁଳମଣି ବେହେରା, ସାଧାରଣ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ, ସହସମ୍ପାଦକ ଦେବାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ହରେକୃଷ୍ଣ ମହାରଣା ଓ କାର୍ଯ୍ୟକାରୀ ସଭ୍ୟ ଭାବେ ସୁଶାନ୍ତ କୁମାର ନାୟକ, ଅଜୟ କୁମାର ଦାସ, ପ୍ରଫୁଲ୍ଲ ବେହେରା, ବାମନ ଚନ୍ଦ୍ର ଦାସ, ସରୋଜ କୁମାର ସ୍ୱାଇଁ, ବାଉରୀବନ୍ଧୁ ସାହୁ, ସେକ୍ ଅବଦୁଲ ଖଲିକ, ରଙ୍କନାଥ ପ୍ରଧାନ, ବାବାଜୀ ମହାନ୍ତି ମଦନ ସାହୁ, କେଶବ ମହାନ୍ତି, ଅଜୟ ନାୟକ ଓ ଧନଞ୍ଜୟ ନାୟକ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ରାମଚନ୍ଦ୍ର ସାସମଲ, ନିରୋଦ କୁମାର ଜେନା, ସୁରେନ୍ଦ୍ର କୁମାର ବେହେରା, କିଶୋର କୁମାର ସାହୁ ନିର୍ବାଚିତ ହୋଇଥିଲେ।

# 'ଫନୀ' ପାଇଁ ସିଏମ୍‌ସି ପକ୍ଷରୁ ପ୍ରସ୍ତୁତି

**କଟକ ଅଫିସ, ୩୦।୪**

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଫନୀ ଓଡ଼ିଶା ମୁହାଁ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଏନେଇ କଟକ ମହାନଗର ନିଗମ ପକ୍ଷରୁ ମୁକାବିଲା ନିମନ୍ତେ ବିକାଶ ଭବନରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର ନିଗମ କମିଶନର ଶରତ ଚନ୍ଦ୍ର ନାୟକ, ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଡେପୁଟି କମିଶନର କମ୍ ଏସଆଇଓ ଦେବାଶିଷ ମହାନ୍ତି, ସିଏମସି ସେକ୍ରେଟାରୀ ଲତାଶ୍ରୀ ବାଗ ଉପସ୍ଥିତ ଥିଲେ । ମାତୃଭବନ ରେଲୱେ କ୍ରସିଂ ଏବଂ ଖାନନଗର, ମତଗଜପୁରରେ ଥିବା ସମସ୍ତ ସ୍ଲୁଇସ ଗେଟ ଖୋଲା ରଖିବାକୁ ଜାଇକାକୁ ନିର୍ଦ୍ଦେଶ ଦିଆଯିବା ସହ ସହରର ସମସ୍ତ ଟ୍ୟୁବୱେଲ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ କୁହାଯାଇଛି। ୧୨ଜଣ ପମ୍ପ ଡ୍ରାଇଭରଙ୍କୁ ସିଏମସି ଗୁରୁତ୍ୱପୂର୍ଣ୍ଣ ଜାଗାରେ ନିୟୋଜିତ କରି ପାଣି ନିଷ୍କାସନ ସୁରୁଖୁରୁରେ ହୋଇପାରିବ ସେନେଇ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଗୁରୁତ୍ୱପୂର୍ଣ୍ଣ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିବା ସହ ସଫେଇ ବ୍ୟବସ୍ଥା, ବିଦ୍ୟୁତ୍, ଜଳ, ଡ୍ରେନେଜ, ଦାୟିତ୍ୱରେ ଥିବା ଅଧିକାରୀ ବାତ୍ୟା ଆଶ୍ରୟସ୍ଥଳୀ ପରିଭ୍ରମଣ କରି ତାହାର ତଦାରଖ କରିବାକୁ ନିର୍ଦ୍ଦେଶ ରହିଛି । ବିଭିନ୍ନ ଅଞ୍ଚଳରେ ଯେପରି ପାଣି ସୁବିଧାରେ ଲୋକେ ପାଇପାରିବେ ସେ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ୱାଟର ଟ୍ୟାଙ୍କର ମାଧ୍ୟମରେ ପିଇବା ପାଣି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଅଧିକାରୀ କୌଣସି ସମସ୍ୟା ହେଲେ ତୁରନ୍ତ କମିଶନରଙ୍କ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଆଶ୍ରୟସ୍ଥଳୀରେ ଲାଇଟ ବ୍ୟବସ୍ଥା କରିବା ସହ ସିଏମସିର ଦୁଇଟି ଟାୱାର ଲାଇଟ ଥିବାବେଳେ ଆବଶ୍ୟକ ପଡିଲେ ଓସିଏ ଏବଂ ଡେକୋରେଟର ସଂସ୍ଥାରୁ ଭଡାସୂତ୍ରରେ ଆଣିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସହରର ସମସ୍ତ ବ୍ଲକେଜ ପଏଣ୍ଟଗୁଡିକୁ ତୁରନ୍ତ ସଫା କରିବା ନିମନ୍ତେ ଜାଇକାକୁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି ।






ସାମୁଦ୍ରିକ ଝଡ଼ ଫନୀର ମୁକାବିଲା ପାଇଁ କଟକ ବକ୍ସିବଜାରସ୍ଥିତ ଅଗ୍ନିସେବା କେନ୍ଦ୍ରଠାରେ ବିଭିନ୍ନ ଯନ୍ତ୍ରପାତିକୁ ଯାଞ୍ଚ କରାଯାଉଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଚୌଦ୍ୱାର,୩୦।୪:** ଚାରବାଟିଆ ବରହମପୁର ରାସ୍ତାର ଡିଏମଟିଆଇ ଛକ ନିକଟ ତାରେଣୀ ମନ୍ଦିର ସମ୍ମୁଖରେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ଗ୍ରାମର ଉଦ୍ଧବ ଚରଣ ନାଟିଆ(୬୨)। ପୋଲିସ ସୂଚନା ଅନୁଯାୟୀ, ଉଦ୍ଧବ ଏକ ବାଇକ୍(ଓଆର ୦୫ ଏମ୍ ୬୫୪୫)ରେ ଚାରବାଟିଆ ଅଭିମୁଖେ ଯାଉଥିଲେ। ଏହି ସମୟରେ ଚାରବାଟିଆ ପଟୁ ଦୁଇଜଣ ଯୁବକ ଏକ ବାଇକ(ଓଡି ୦୫ ଏଜି ୦୯୩୫)ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ତାରେଣୀ ମନ୍ଦିର ସମ୍ମୁଖରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଚିକିତ୍ସା ପାଇଁ ଉଦ୍ଧବଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଅନ୍ୟ ଜଣେ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

### କାଠଗଡ଼ ଚାପାରେ ଶ୍ରମିକଙ୍କ ମୃତ୍ୟୁ

**କଟକ ସଦର,୩୦।୪:** କାଠଗଡ଼ ଚାପାରେ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ଶୀର୍ଲୋ ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ଆଲୋକ ସେଠୀ। ସୂଚନା ଅନୁଯାୟୀ, ଆଲୋକ ଏକ କାଠ ଗଡାକୁ ଗଡାଉ ଥିବା ବେଳେ ହଠାତ୍ ତାହା ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କଲରାବାଙ୍କ ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଶିର୍ଲୋରୁ ହରିଣ ଉଦ୍ଧାର

**କଟକ ସଦର,୩୦।୪:** କିଶୋରନଗର ଥାନା ଅନ୍ତର୍ଗତ ଶୀର୍ଲୋ ନିକଟ ମହାନଦୀରେ ଏକ ହରିଣ ପାଣି ପିଉଥିବା ବେଳେ ମଙ୍ଗଳବାର ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ପରେ ହରିଣକୁ କଟକ ଜଙ୍ଗଲ ବିଭାଗର ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ରଘୁନାଥପୁର ବ୍ଲକ ଧର୍ତ୍ତଙ୍ଗଗଡ଼ ଜଙ୍ଗଲରୁ ହରିଣଟି ମହାନଦୀକୁ ପାଣି ପିଇବା ପାଇଁ ଆସିଥିବା ଅନୁମାନ କରାଯାଉଛି।

### ଖବରକାଗଜ ବିତରକଙ୍କ ପରଲୋକ

**କଟକ ଅଫିସ, ୩୦।୪-** ଜଣାଶୁଣା ଖବରକାଗଜ ବିତରକ ପ୍ରଦୀପ୍ତ ମୋହନ ସାହୁଙ୍କର ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ସାହୁ ବାଦାମବାଡ଼ି ଖବରକାଗଜ ସଂଘର ଜଣେ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଦାମବାଡ଼ି ଖବରକାଗଜ ବିକ୍ରେତା ସଂଘର ସମ୍ପାଦକ ନିରଞ୍ଜନ ବେହେରାଙ୍କ ସମେତ ବାବୁଲି ପରିଡ଼ା, ସୁରେନ୍ଦ୍ର ଜେନା, ଯୋଗୀ ମହାନ୍ତି, ବିଜୟ ବେହେରା ଓ ଗଣେଶ ପରିଡ଼ା ପ୍ରମୁଖ ସ୍ୱର୍ଗତ ସାହୁଙ୍କ ନୂଆପଡ଼ାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସାହୁଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ସେଣ୍ଟ ଜାଭିୟର୍ସରେ ଗଣିତ କର୍ମଶାଳା

**କଟକ ଅଫିସ, ୩୦।୪-** କଲେଜଛକ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଏକଦିବସୀୟ ଗଣିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ପ୍ରଚେଷ୍ଟାରେ ଏହା ଏକ ନୂତନ ଶୈଳୀର ଗଣିତ କର୍ମଶାଳା। ଏହି ଅବସରରେ ସିବିଏସ୍‌ଇ ନୂଆଦିଲ୍ଲୀର ଅଧକ୍ଷ ଡ. ଧନଞ୍ଜୟ ପାନ ଓ ଡିପିଏସ୍ ପାରାଦୀପର ସନ୍ଦୀପ ଦାସଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାମୂଳକ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଭିନ୍ ସେଣ୍ଟ ଏଡାସେରି, ପ୍ରଶାନ୍ତ ଦାସ, ସମ୍ୟକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏସ୍. ତାଜ୍‌ଦାର ଧନ୍ୟବାଦ ଅର୍ପଣ କରିଥିଲେ। ପି.ଏସ୍. ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଫନୀ' ପାଇଁ ସିଏମ୍‌ସି ପକ୍ଷରୁ ପ୍ରସ୍ତୁତି

**କଟକ ଅଫିସ, ୩୦।୪**



ସମ୍ଭାବ୍ୟ ବାତ୍ୟା 'ଫନୀ'ର ମୁକାବିଲା ପାଇଁ ରଖାଯାଇଥିବା ମୋଟର ପମ୍ପ।



ବିଭିନ୍ନ ଯନ୍ତ୍ରପାତିଗୁଡ଼ିକୁ ଯାଞ୍ଚ କରାଯାଉଛି।

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଫନୀ ଓଡ଼ିଶା ମୁହାଁ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଏନେଇ କଟକ ମହାନଗର ନିଗମ ପକ୍ଷରୁ ମୁକାବିଲା ନିମନ୍ତେ ବିକାଶ ଭବନରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର ନିଗମ କମିଶନର ଶରତ ଚନ୍ଦ୍ର ନାୟକ, ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଡେପୁଟି କମିଶନର କମ୍ ଏସଆଇଓ ଦେବାଶିଷ ମହାନ୍ତି, ସିଏମସି ସେକ୍ରେଟାରୀ ଲତାଶ୍ରୀ ବାଗ ଉପସ୍ଥିତ ଥିଲେ । ମାତୃଭବନ ରେଲୱେ କ୍ରସିଂ ଏବଂ ଖାନନଗର, ମତଗଜପୁରରେ ଥିବା ସମସ୍ତ ସ୍ଲୁଇସ ଗେଟ ଖୋଲା ରଖିବାକୁ ଜାଇକାକୁ ନିର୍ଦ୍ଦେଶ ଦିଆଯିବା ସହ ସହରର ସମସ୍ତ ଟ୍ୟୁବୱେଲ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ କୁହାଯାଇଛି। ୧୨ଜଣ ପମ୍ପ ଡ୍ରାଇଭରଙ୍କୁ ସିଏମସି ଗୁରୁତ୍ୱପୂର୍ଣ୍ଣ ଜାଗାରେ ନିୟୋଜିତ କରି ପାଣି ନିଷ୍କାସନ ସୁରୁଖୁରୁରେ ହୋଇପାରିବ ସେନେଇ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଗୁରୁତ୍ୱପୂର୍ଣ୍ଣ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିବା ସହ ସଫେଇ ବ୍ୟବସ୍ଥା, ବିଦ୍ୟୁତ୍, ଜଳ, ଡ୍ରେନେଜ, ଦାୟିତ୍ୱରେ ଥିବା ଅଧିକାରୀ ବାତ୍ୟା ଆଶ୍ରୟସ୍ଥଳୀ ପରିଭ୍ରମଣ କରି ତାହାର ତଦାରଖ କରିବାକୁ ନିର୍ଦ୍ଦେଶ ରହିଛି । ବିଭିନ୍ନ ଅଞ୍ଚଳରେ ଯେପରି ପାଣି ସୁବିଧାରେ ଲୋକେ ପାଇପାରିବେ ସେ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ୱାଟର ଟ୍ୟାଙ୍କର ମାଧ୍ୟମରେ ପିଇବା ପାଣି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଅଧିକାରୀ କୌଣସି ସମସ୍ୟା ହେଲେ ତୁରନ୍ତ କମିଶନରଙ୍କ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଆଶ୍ରୟସ୍ଥଳୀରେ ଲାଇଟ ବ୍ୟବସ୍ଥା କରିବା ସହ ସିଏମସିର ଦୁଇଟି ଟାୱାର ଲାଇଟ ଥିବାବେଳେ ଆବଶ୍ୟକ ପଡିଲେ ଓସିଏ ଏବଂ ଡେକୋରେଟର ସଂସ୍ଥାରୁ ଭଡାସୂତ୍ରରେ ଆଣିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସହରର ସମସ୍ତ ବ୍ଲକେଜ ପଏଣ୍ଟଗୁଡ଼ିକୁ ତୁରନ୍ତ ସଫା କରିବା ନିମନ୍ତେ ଜାଇକାକୁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ନାବାଳିକା ଅପହରଣ ମାମଲା
# ଡିସିପିଙ୍କ ନିକଟରେ ଅଭିଯୋଗ

**କଟକ ଅଫିସ୍, ୩୦।୪**

କଟକ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସର ଶିଥିଳତାକୁ ନେଇ ମଙ୍ଗଳବାର ଡିସିପି ଅଖିଳେଶ୍ୱର ସିଂଙ୍କୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଆଇନ ସହାୟତା କେନ୍ଦ୍ରର ଏକ ଟିମ୍ ଭେଟି ଅଭିଯୋଗ କରିଛି। ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ଗତ ଫେବୃୟାରୀ ୧୮ ତାରିଖରେ ଆଠଗଡ ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୨ ମାସରୁ ଅଧିକ ସମୟ ବିତି ଯାଇଥିବା ବେଳେ ପୋଲିସ ଏକ ମାମଲା(୮୧/୧୯) ରୁଜୁ କରି ଚୁପ୍ ବସିପଡିଛି। ଫଳରେ ନାବାଳିକାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ଅଭିଯୁକ୍ତ ଥାନାରୁ ମାମଲା ପ୍ରତ୍ୟାହର କରିନେବାକୁ ତାଙ୍କ ବାପାଙ୍କୁ ଧମକ ଦେଉଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତୁରନ୍ତ ଏହି ମାମଲାକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି।

# ବର୍ଷାଦିନ ପୂର୍ବରୁ ନୂତନ ଡ୍ରେନ ନ ହେଲେ ଆନ୍ଦୋଳନ

**ଖୁଣ୍ଟୁଣୀ,୩୦।୪(ଡି.ଏନ୍.ଏ)**

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଖୁଣ୍ଟୁଣୀ ବଜାର ପାର୍ଶ୍ୱରେ ଥିବା ମୁଖ୍ୟ ଡ୍ରେନକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପୋତିଦେଇଛନ୍ତି। ଫଳରେ ବର୍ଷା ହେଲେ ଖୁଣ୍ଟୁଣୀ ଗ୍ରାମର ନର୍ଦ୍ଦମା ଓ ବର୍ଷା ପାଣି ଜାତୀୟ ରାଜପଥ ଉପରେ ଚାଲିବା ସହ ଗ୍ରାମର ମୁଖ୍ୟ ରାସ୍ତାରେ ପାଣି ଜମା ହୋଇ କୃତ୍ରିମ ବନ୍ୟା ପରିସ୍ଥିତ ସୃଷ୍ଟି ହେଉଛି। ଏନେଇ ଗ୍ରାମବାସୀ ଜାତୀୟ ରାଜପଥ ବିଭାଗ ପକ୍ଷରୁ କାମ ଦିଆଯାଇଥିବା ଠିକାଦାରଙ୍କୁ ପଚାରିବାରେ କୁହନ୍ତି, ଆମ ହାତରେ କିଛି ନାହିଁ, ଯାହା ରାଜପଥ ବିଭାଗ କରିପାରିବ ବୋଲି କହି ଚୁପ ରହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଖୁଣ୍ଟୁଣୀ ବଜାର ଉପରେ ୨କି.ମି. ଲମ୍ବ ବିଶିଷ୍ଟ ମୁଖ୍ୟ ଡ୍ରେନ ନିର୍ମାଣ ନ କଲେ ଯାତାୟାତ ଓ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଖୁଣ୍ଟୁଣୀ-ରମ୍ପେଇ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ର କହିଛନ୍ତି। ଠିକାଦାର ଡ୍ରେନ ପୋତିଦେଇଥିବାରୁ ପାଣି ଯିବାର ସମସ୍ୟା ସୃଷ୍ଟି ହେଉଛି। ଡ୍ରେନ କାର୍ଯ୍ୟ ଶୀଘ୍ର ସାରିବାକୁ ଗ୍ରାମବାସୀ ରାଜପଥ ବିଭାବ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଯଦି ଡ୍ରେନ ବର୍ଷା ଦିନ ପୂର୍ବରୁ ନୂତନ ଡ୍ରେନ କାର୍ଯ୍ୟ ଆରମ୍ଭ ନହେଲେ ଗ୍ରାମ୍ୟ କମିଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ଦିଲୀପ ସେଠ୍ କହିଛନ୍ତି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ବିଭାଗର ଜନୈକ କର୍ମକର୍ତ୍ତା ନାମ ଗୋପନ ରଖି କହିଛନ୍ତି, ରାସ୍ତା ନିର୍ମାଣ କାର୍ଯ୍ୟ ଉଭୟ ପଟୁ ଚାଲିଛି । ଖୁବ୍ ଶୀଘ୍ର ଡ୍ରେନ ବର୍ଷା ଦିନ ପୂର୍ବରୁ ଶେଷ କରିବାକୁ ଠିକାଦାରଙ୍କୁ ପରାମର୍ଶ ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ୧୯୮୨ ମସିହାରେ ଜାତୀୟ ରାଜପଥ ବିଭାଗ ପାଣି ନିଷ୍କାସନ ପାଇଁ ଖୁଣ୍ଟୁଣୀ ବଜାର ଗ୍ରାମ ପାର୍ଶ୍ୱରେ ଏହି ଡ୍ରେନ ନିର୍ମାଣ କରିଥିଲା।

# ହକର, ବୁଲା ବିକାଳିଙ୍କୁ ନେଇ ପରିମଳ କର୍ମଶାଳା

**କଟକ ଅଫିସ, ୩୦।୪**

ହକର ଓ ବୁଲା ବିକାଳିଙ୍କୁ ନେଇ ମଙ୍ଗଳବାର ଏକ ପରିମଳ କର୍ମଶାଳା ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ସାମାଜିକ ସଂଗଠନ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ ୭୦ ଜଣ ବ୍ୟକ୍ତିଙ୍କୁ ନେଇ ଗାନ୍ଧୀଭବନଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାଇକା ପ୍ରତିନିଧି ଶ୍ୟାମଳ କିଶୋର ଦାସ ଓ ଡା. ସ୍ମୃତି ରଞ୍ଜନ ରଥ ଯୋଗଦେଇ ପ୍ରତ୍ୟେକ ସ୍ତରରେ ଜନସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଆଧୁନିକ ଜ୍ଞାନକୌଶଳରେ କଟକ ସହରରେ ନିର୍ମାଣ କରାଯାଉଥିବା ସ୍ୱେରେଜ ସିଷ୍ଟମ, ସ୍ୱେରେଜ ପମ୍ପିଂ ଷ୍ଟେଶନ, ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ଉପକାରିତା ଉପରେ ବିଶ୍ଲେଷଣ କରିଥିଲେ। ପାଇଖାନା, ଗାଧୁଆ ଘର ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ସିଷ୍ଟମ ସହିତ ସଂଯୋଗ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦ୍ୱାରା ସମସ୍ତେ କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ ଆଲୋଚନା କରିଥିଲେ। ୩,୧୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ଜନ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପ୍ରକଳ୍ପ ସଂଯୋଜକ ପ୍ରମୋଦ କୁମାର ଓଝା ସଂଯୋଜନା କରିଥିବା ସମୟରେ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ତୁଲାଇବାରେ ଈପ୍‌ସିତା ପ୍ରିୟଦର୍ଶିନୀ, ରତିକାନ୍ତ ତ୍ରିପାଠୀ, ଶୁଭ୍ରା ମୁଖାର୍ଜୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ବରିଷ୍ଠ କର୍ମୀ ଅଜୟ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ ।

# ସୂଚନା ଅଧିକାରୀ ଗିରୀଶ ଚନ୍ଦ୍ର ଦାସଙ୍କ ଅବସର ଗ୍ରହଣ

**କଟକ ଅଫିସ,୩୦।୪**

କଟକ ଜିଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ସହକାରୀ ସୂଚନା ଅଧିକାରୀ ଗିରୀଶ ଚନ୍ଦ୍ର ଦାସ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଦାସ ସମ୍ପ୍ରତି ପଢିହାରୀ ପାଠାଗାରର ସହକାରୀ ସୂଚନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଉପଲକ୍ଷେ ମଙ୍ଗଳବାର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଦାସ ଏକାଧାରରେ ଜଣେ ଦକ୍ଷ ଓ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ସଭାରେ ଦାସଙ୍କ ଦୀର୍ଘ ୩୩ ବର୍ଷ ସରକାରୀ ସେବା ଓ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହିତ ତାଙ୍କର ଅବସର ପରବର୍ତ୍ତୀ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଦାସ ନିଜର ବକ୍ତବ୍ୟରେ ଚାକିରିକାଳର ଅଭିଜ୍ଞତା ଓ ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ରାଜ୍ୟ ତଥ୍ୟ ଓ ଗବେଷଣା ଅଧିକାରୀ ଆଶୁତୋଷ ପାଇକରାୟଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ମହାତ୍ମା ଗାନ୍ଧୀଙ୍କ ଜୀବନୀକୁ ନେଇ ଅନୁଷ୍ଠିତ ଫଟୋ ଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଚରଖାକୁ ଉପସ୍ଥିତ ଅତିଥିଙ୍କ ଗହଣରେ ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଦେଖୁଛନ୍ତି।

# ଓଡ଼ିଶା ସୁରକ୍ଷା ସେନାର ସମସ୍ତ ଜିଲା, ରାଜ୍ୟ କମିଟି ବରଖାସ୍ତ

**କଟକ ଅଫିସ, ୩୦।୪**

ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଯୋଶୀ ଓଡ଼ିଶା ସୁରକ୍ଷା ସେନାର ବର୍ତ୍ତମାନର ସମସ୍ତ ରାଜ୍ୟ ଓ ଜିଲା କମିଟିକୁ ମଙ୍ଗଳବାର ବରଖାସ୍ତ ଘୋଷଣା କରିଛନ୍ତି। ଏକ ନୂତନ କମିଟି ଯଥାଶୀଘ୍ର ଗଠନ କରାଯିବ ବୋଲି ଯୋଶୀ କହିଛନ୍ତି। ଯେପର୍ଯ୍ୟନ୍ତ ନୂତନ କମିଟିର ଗଠନ କରାଯାଇ ନାହିଁ ସେପର୍ଯ୍ୟନ୍ତ ଓଡ଼ିଶା ସୁରକ୍ଷା ସେନାର ସମସ୍ତ ପଦପଦବୀ ବର୍ତ୍ତମାନ ସମୟରୁ ଖାଲି ରହିବ ବୋଲି ଘୋଷଣା କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶା ସୁରକ୍ଷା ସେନା ସାମାଜିକ-ରାଜନୈତିକ ଅନୁଷ୍ଠାନ ଭାବେ ୫ ବର୍ଷ ତଳେ ଗଠନ କରାଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶା ସୁରକ୍ଷା ସେନା ସିଧାସଳଖ ଭାବେ ତା'ର କୌଣସି ପ୍ରାର୍ଥୀ ନ ଦେଇ କଂଗ୍ରେସକୁ ନିଃସର୍ତ୍ତ ସମର୍ଥନ ଜଣାଇଥିଲା। ତେବେ ଗତ ନିର୍ବାଚନରେ କେତେକ କାର୍ଯ୍ୟକର୍ତ୍ତା ଦଳର ନିଷ୍ପତ୍ତି ବିରୋଧରେ କାର୍ଯ୍ୟକ୍ରମ କରିଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।



ପ୍ରଚଣ୍ଡ ରୌଦ୍ରତାପ ପାଇଁ ମଙ୍ଗଳବାର କଟକ ଦୋଳମୁଣ୍ଡାଇ ଛକ ଖାଁ ଖାଁ।

# ଓଡ଼ିଶା ଟେକ୍ସଟାଇଲ ଓ ଷ୍ଟିଲ୍‌ସ ଏମ୍ପ୍ଲୋଇଜ ୟୁନିୟନର କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ, ୩୦।୪**

ନୂଆବଜାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ଆଣ୍ଡ ଷ୍ଟିଲ୍‌ସ ଏମ୍ପ୍ଲୋଇଜ ୟୁନିୟନର ଏକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ୨୦୧୯ ବର୍ଷ ପାଇଁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନୁଷ୍ଠାନର ସଭାପତି ସୌମ୍ୟରଞ୍ଜନ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଓ ନିର୍ବାଚନ ଅଧିକାରୀ ଭାବେ ଦିନମଣି ଖୁଣ୍ଟିଆ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଅର୍ଦ୍ଧେନ୍ଦୁ ଶେଖର ଭୋଳ ଓ ସମ୍ମାନୀୟ ବକ୍ତା ଭାବେ ନିରଞ୍ଜନ ପରିଜା ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ ଗତ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସଭାପତିଙ୍କ ଅନୁମୋଦନ କ୍ରମେ ଗତ ବର୍ଷର ନିର୍ବାଚିତ କାର୍ଯ୍ୟକାରୀ ସଭା ଭଙ୍ଗ ଘୋଷଣା କରିଥିଲେ ଓ ନୂତନ କାର୍ଯ୍ୟକାରୀ ସଭା ଗଠନ ନିମନ୍ତେ ସଭ୍ୟମାନଙ୍କୁ ଆହ୍ୱାନ କରିଥିଲେ। ନିର୍ବାଚନ ଅଧିକାରୀ ଦିନମଣି ଖୁଣ୍ଟିଆ ନିର୍ବାଚନ ପରିଚାଳନା କରିଥିଲେ। ସଭ୍ୟମାନଙ୍କ ପ୍ରସ୍ତାବ, ସମର୍ଥନ ଓ ସମ୍ମତି କ୍ରମେ ୨୦୧୯-୨୦ ନିମିତ୍ତ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ତ୍ରିଲୋଚନ ଲେଙ୍କା, କାର୍ଯ୍ୟକାରୀ ସଭାପତି କୁଳମଣି ବେହେରା, ସାଧାରଣ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ, ସହସମ୍ପାଦକ ଦେବାନନ୍ଦ ମହାନ୍ତି, କୋଷାଧକ୍ଷ ହରେକୃଷ୍ଣ ମହାରଣା ଓ କାର୍ଯ୍ୟକାରୀ ସଭ୍ୟ ଭାବେ ସୁଶାନ୍ତ କୁମାର ନାୟକ, ଅଜୟ କୁମାର ଦାସ, ପ୍ରଫୁଲ୍ଲ ବେହେରା, ବାମନ ଚନ୍ଦ୍ର ଦାସ, ସରୋଜ କୁମାର ସ୍ୱାଇଁ, ବାଉରୀବନ୍ଧୁ ସାହୁ, ସେକ୍ ଅବଦୁଲ ଖଲିକ, ରଙ୍ଗନାଥ ପ୍ରଧାନ, ବାବାଜୀ ମହାନ୍ତି ମଦନ ସାହୁ, କେଶବ ମହାନ୍ତି, ଅଜୟ ନାୟକ ଓ ଧନଞ୍ଜୟ ନାୟକ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ରାମଚନ୍ଦ୍ର ସାସମଲ, ନିରୋଦ କୁମାର ଜେନା, ସୁରେନ୍ଦ୍ର କୁମାର ବେହେରା, କିଶୋର କୁମାର ସାହୁ ନିର୍ବାଚିତ ହୋଇଥିଲେ।

## କାର୍ଯ୍ୟରତ ଗୃହରକ୍ଷୀଙ୍କୁ ଯାନବାହନ ଖର୍ଚ୍ଚ ପ୍ରଦାନ ମାମଲା
# ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୩୦।୪**

ରାଜ୍ୟରେ ପ୍ରାୟ ୧୮ହଜାର ଗୃହରକ୍ଷୀ କାର୍ଯ୍ୟ କରୁଛନ୍ତି। ଗୃହରକ୍ଷୀମାନେ ଦୈନିକ ମାତ୍ର ୩୦୦ ଟଙ୍କା ପାରିଶ୍ରମିକରେ କାମ କରୁଥିବା ବେଳେ ବିଭିନ୍ନ ସମୟରେ ଘରଠାରୁ ବହୁତ ଦୂରରେ ଥିବା ଡ୍ୟୁଟିକୁ ଯାଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏ ନେଇ ରାଜ୍ୟ ଗୃହରକ୍ଷୀ ବାହିନୀର କମାଣ୍ଡାଣ୍ଟ ଜେନେରାଲ ଜିଲାସ୍ତରୀୟ ଗୃହରକ୍ଷୀ ବାହିନୀର କମାଣ୍ଡାଣ୍ଟମାନଙ୍କୁ ଏକ ସର୍କୁଲାର ତଥା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଯେଉଁଥିରେ କି ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ରାଜ୍ୟରେ ଯେଉଁ ଗୃହରକ୍ଷୀମାନଙ୍କର ଘରଠାରୁ ଡ୍ୟୁଟି ସ୍ଥାନ ୮ କିମିରୁ ଅଧିକ ହୋଇଥିବ, ସେହି ଗୃହରକ୍ଷୀମାନଙ୍କୁ ଯାନବାହନ ଖର୍ଚ୍ଚ ପ୍ରଦାନ କରାଯିବ। କିନ୍ତୁ ଉକ୍ତ ସର୍କୁଲାର ତଥା ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ନେଇ ଜଗତପୁର ଥାନା ଅଧୀନ ଅଜୟ କୁମାର ବେହେରା ନାମକ ଜଣେ ଗୃହରକ୍ଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବେହେରାଙ୍କ ଆବେଦନର ଶୁଣାଣି କରି ଗୃହରକ୍ଷୀମାନଙ୍କୁ ଯାନବାହନ ଖର୍ଚ୍ଚ ପ୍ରଦାନ କରିବା ନେଇ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ରାଜ୍ୟ ଗୃହ ସଚିବ, ଗୃହରକ୍ଷୀ ବାହିନୀର କମାଣ୍ଡାଣ୍ଟ ଜେନେରାଲ ଓ କଟକ ଡିସିପିଙ୍କୁ ଆଦେଶ ଦେଇଛନ୍ତି। ଆବେଦନକାରୀ ଗୃହରକ୍ଷୀ ଅଜୟ କୁମାର ବେହେରାଙ୍କ ପକ୍ଷରୁ ଓକିଲ ଶଙ୍କରାଚାର୍ଯ୍ୟ ଚୌଧୁରୀ ଓ ତପନ କୁମାର ଚୌଧୁରୀ ଉଭୟ ମାମଲା ପରିଚାଳନା କରିଥିଲେ।

# ଏସ୍‌ୟୁସିଆଇ(ସି)ର ୭୨ତମ ପ୍ରତିଷ୍ଠା ଦିବସ

**କଟକ ଅଫିସ,୩୦।୪**



ବୈଠକରେ ଯୋଗ ଦେଇଥିବା ଅତିଥି।

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ ଇଣ୍ଡିଆ(ସି)ର ୭୨ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଗାନ୍ଧୀଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଏସ୍‌ୟୁସିଆଇ(ସି)ର କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ଶଙ୍କର ଦାସଗୁପ୍ତା ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ଦେଶରେ ମୁଷ୍ଟିମେୟ ଶିଳ୍ପପତି, ଖଣି ମାଫିଆ, ଠିକାଦାର ଓ ରାଜନେତା ଦୁର୍ନୀତି ଉପାୟରେ ବହୁ ସମ୍ପତ୍ତିର ମାଲିକ ହୋଇଥିଲାବେଳେ ସାଧାରଣ ଲୋକେ ତଳିତଳାନ୍ତ ହୋଇଛନ୍ତି। ଫସଲର ଉଚିତ୍ ଦାମ୍ ନ ପାଇ ଚାଷୀ ଆତ୍ମହତ୍ୟା କରୁଛି। ଆଦିବାସୀଙ୍କୁ ଭିଟାମାଟିରୁ ଉଚ୍ଛେଦ କରିବା ପାଇଁ ଉଦ୍ୟମ ଚାଲିଥିବା ସେ କହିଛନ୍ତି। ଏସ୍‌ୟୁସିଆଇ(ସି) ନେତୃତ୍ୱରେ ଶକ୍ତିଶାଳୀ ଗଣ ଆନ୍ଦୋଳନ ସଙ୍ଗଠିତ ହେଉଛି ଏବଂ ଏହି ଦଳ ୨୨ଟି ରାଜ୍ୟରେ ବିସ୍ତାର ଲାଭ କରିଛି। ସମ୍ପ୍ରତି ସାଧାରଣ ନିର୍ବାଚନ ସମୟରେ ପତାକାର ରଙ୍ଗ ଓ ସ୍ଲୋଗାନ ଅଲଗା ହେଲେ ମଧ ନିର୍ବାଚନ ଲଢିବାର ରୀତିନୀତି ଓ କଳାକୌଶଳ ଦୃଷ୍ଟିରୁ ଅନ୍ୟ ସମସ୍ତ ଦଳ ଗୋଟିଏ ପକ୍ଷ ଏବଂ ବାମପନ୍ଥାର ପ୍ରକୃତ ମର୍ଯ୍ୟାଦା ରକ୍ଷା କରିଥିବା ଏସ୍‌ୟୁସିଆଇ(ସି) ଏକାକୀ ଆଉ ଗୋଟିଏ ପକ୍ଷ। ଜନସାଧାରଣଙ୍କ ସମସ୍ୟାକୁ ସମାଧାନ କରିବା ସହ ଦଳକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଲକ୍ଷ୍ମୀଧର ମହାନ୍ତି, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ ଓ ତରୁଣସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା), ୩୦।୪ (ଡି.ଏନ.ଏ.)- ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ଭଗବାନ ପ୍ରଧାନ (୩୫)। ଭଗବାନ ସେହି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଟାଙ୍ଗୀ ଥାନାରେ ୧୧୪/୧୯ରେ ମାମଲା ରୁଜୁ ହୋଇଥିଲା। ଟାଙ୍ଗୀ ଥାନା ତଦନ୍ତ କାରୀ ଅଫିସର ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛନ୍ତି

### ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍

ଯାଁଲା,୩୦।୪(ଡି.ଏନ.ଏ.): ଯାଁଲା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ତଳଖେତା ଛକ ନିକଟରେ ଟ୍ରକ୍ ଡ୍ରାଇଭରଙ୍କଠାରୁ ଦୁର୍ବୃତ୍ତମାନେ ମୋବାଇଲ, ଗାଡ଼ି ଚାବି, ଲାଇସେନ୍ସ ଓ ଟଙ୍କା ଆଦି ଲୁଟି ନେଇଛନ୍ତି। ମଙ୍ଗଳବାର ଭୋର୍ ସମୟରେ ଏହା ଘଟିଛି। ଡ୍ରାଇଭର ଅଜିତ୍ ସିଂ ଛକ ନିକଟରେ ଚା' ପିଇବାକୁ ଟ୍ରକ୍ ରଖିଥିବା ବେଳେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ଏପରି କାଣ୍ଡ କରି ଫେରାର ହୋଇଯାଇଥିଲେ। ଲୁଟ୍ କରିବା ପୂର୍ବରୁ ଦୁର୍ବୃତ୍ତମାନେ ଟ୍ରକ୍ କାଚ ଭାଙ୍ଗିବା ସହ ଡ୍ରାଇଭର ଓ ହେଲ୍‌ପରଙ୍କୁ ମାଡ଼ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି। ଯାଁଲା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ବାରମ୍ବାର ଲୁଟ୍‌ପାଟ୍ ହୋଇଥିଲେ ମଧ୍ୟ ପୋଲିସର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

### ଖୋର୍ଦ୍ଧାରୋଡ ରେଳ ଡିଭିଜନରେ ନୂତନ ଡିଆର୍‌ଏମ୍



ଜଟଣୀ, ୩୦।୪ (ଡି.ଏନ.ଏ.): ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ନୂତନ ଡିଆର୍‌ଏମ୍ ଭାବେ ଶଶିକାନ୍ତ ସିଂ ଯୋଗ ଦେଇଛନ୍ତି। ସେ ୧୯୯୦ବ୍ୟାଚ୍‌ର ଆଇଆର୍‌ଟିଏସ୍ ଅଧିକାରୀ। ଏଠାରେ ଯୋଗ ଦେବା ପୂର୍ବରୁ ସେ ବମ୍ବେ ସେଣ୍ଟ୍ରାଲ ରେଳୱେରେ ଚିଫ୍ କମର୍ସିଆଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏହାସହ ଭାରତୀୟ ରେଳୱେର ବିଭିନ୍ନ ଡିଭିଜନରେ ବରିଷ୍ଠ ବାଣିଜ୍ୟ ଅଧିକାରୀ, ଡେପୁଟି ଚିଫ୍ କମରସିଆଲ୍ ମ୍ୟାନେଜର ଆଦି ବିଭିନ୍ନ ପଦପଦବୀରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି।

### ଚିଲିକା ଗାନ୍ଧୀଙ୍କ ୧୧୪ତମ ଜୟନ୍ତୀ



କୃଷ୍ଣପ୍ରସାଦ,୩୦।୪(ଡି.ଏନ.ଏ.)- ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚାରିଛକ ଠାରେ ସ୍ଥାନୀୟ ଅଞ୍ଚଳରେ ଚିଲିକା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଉଦୟ ନାଥ ଜେନାଙ୍କ ୧୧୪ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି । ଶ୍ରୀଶ୍ରୀ କମଳେଶ୍ୱର ଦେବ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପରିଚାଳନା କମିଟ ସଭାପତି ଗୋଲଖ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ପତି ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବ୍ରଜ କିଶୋର ଜେନା ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ କବିରାଜ ମାଝୀ,ଉଦୟନାଥଙ୍କ ଅନୁଗାମୀ ରାମଚନ୍ଦ୍ର ଜେନା,ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର,ସମିତିସଭ୍ୟ ମନୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିଲିକା ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଶିକ୍ଷାବିତ୍ ଅକ୍ଷୟ କୁମାର ସାମନ୍ତସିଂହାର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

■ ଜିଲା ପ୍ରଶାସନର ଫନୀ ସମୀକ୍ଷା

# ପରିସ୍ଥିତିକୁ ଦେଖି ସ୍ଥାନାନ୍ତର କରାଯିବ

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ଫନୀ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଦୁଇଦିନ ମଧ୍ୟରେ ୩ଟି ପ୍ରସ୍ତୁତି ବୈଠକ ଶେଷ ହୋଇଛି। ସୋମବାର ଖୋର୍ଦ୍ଧାରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ମଙ୍ଗଳବାର ଭୁବନେଶ୍ୱର ସର୍କିଟ ହାଉସରେ ଅନୁରୂପ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସୂଚନା ଅନୁସାରେ, ଫନୀ ଉପରେ ସଚେତନତା ପାଇଁ ବିଡିଓ, ତହସିଲଦାର, ଯନ୍ତ୍ରୀ, ଓଡ୍ରାଫ, ଅଗ୍ନିଶମ ବିଭାଗକୁ ନେଇ ବୈଠକ ହୋଇଯାଇଛି। ଚାଳଘର, ଟାଇଲ ଓ ଆଜବେଷ୍ଟସ ଘରର ଲୋକମାନେ ଏବଂ ବଡ ବଡ ଗଛ ନିକଟରେ ଥିବା ପରିବାରଙ୍କୁ ସ୍ଥାନାନ୍ତର କରାଯିବ। ସେମାନଙ୍କ ପାଇଁ ରହିବା ସହ ଖାଇବା ବ୍ୟବସ୍ଥା କରାଯାଇଛି। ଓଡ୍ରାଫ ଟିମ୍‌କୁ ଅଗ୍ନିଶମ କର୍ମଚାରୀ ସହଯୋଗ କରିବେ। ତ୍ୱରିତ ସେବା ପାଇଁ ମେଡସିନ ଓ ଆମ୍ବୁଲାନ୍ସକୁ ସଜାଗ କରି ରଖିବାକୁ ସିଡିଏମ୍‌ଙ୍କୁ କୁହାଯାଇଛି। ବିଦ୍ୟୁତ୍ କଟି ଗଲେ ତୁରନ୍ତ ବିଦ୍ୟୁତ ସେବା ଯୋଗାଇବାକୁ ସେସୁର ଟେକ୍ନିକାଲ ଟିମ୍ ପ୍ରସ୍ତୁତ କରି ରଖାଯାଇଛି। ଦରକାର ପଡିଲେ ଜେନେରେଟର ଲଗାଯାଇ ବିଦ୍ୟୁତ ସେବା ବି ଯୋଗାଇ ଦିଆଯିବ। ବିଦ୍ୟୁତ୍ ସମସ୍ୟା ଦେଖା ଦେଲେ ଜଳଯୋଗାଣ ମଧ୍ୟ ଜେନେରେଟର ଯୋଗେ କରାଯିବାକୁ କୁହାଯାଇଛି। ବର୍ଷା ଓ ପବନକୁ ଦେଖି ସ୍ଥାନାନ୍ତର କରାଯିବ। ଅନ୍ୟପକ୍ଷେ ବାତ୍ୟା ସମୟ ପୂର୍ବରୁ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିବ। ଏ ନେଇ ସଚେତନତା କରାଯାଉଛି। ଆଳୁ, ପିଆଜ ଦର ବଢ଼ିବା ଉପରେ ପ୍ରଶାସନର ନଜର ରଖିବାକୁ କୁହାଯାଇଥିଲା। ତେବେ ଲୋକେ ଆତଙ୍କିତ ନ ହୋଇ ପ୍ରଶାସନକୁ ସହଯୋଗ କରିବାକୁ କୁହାଯାଇଛି।

ସେହିପରି ଫନୀ ଉଦ୍ଦେଶ୍ୟରେ ବାଣପୁର ବ୍ଲକ ସଭାଗୃହରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତଥା ତହସିଲଦାର ସୁଷମା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପବନ ଓ ବର୍ଷା ଆରମ୍ଭ ହେବା ପୂର୍ବରୁ କଚ୍ଚା ଓ ଅସୁରକ୍ଷିତ ଗୃହରେ ବାସ କରୁଥିବା ଲୋକଙ୍କୁ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳ, ପଞ୍ଚାୟତ କାର୍ଯ୍ୟାଳୟକୁ ନିଜର ଦୈନନ୍ଦିନ ଓ ଆବଶ୍ୟକ ସାମଗ୍ରୀ ସହ ସ୍ଥାନାନ୍ତର ହେବାକୁ ଅନୁରୋଧ କରାଯାଇଛି। ତେବେ ଗୃହପାଳିତ ପଶୁଙ୍କୁ ଖୋଲା ଛାଡିବାକୁ ଗ୍ରାମବାସୀଙ୍କୁ ସଚେତନ କରିବାକୁ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସମେତ ବିଦ୍ୟୁତ ଓ ଅଗ୍ନିଶମ ଅଧିକାରୀଙ୍କୁ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏ ନେଇ କୌଣସି ଗୁଜବକୁ ବିଶ୍ୱାସ ନ କରି ପରିସ୍ଥିତ ଓ ସରକାରୀ ସୂଚନା ମୁତାବକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଦ୍ରି ପାତ୍ର, ବ୍ଲକ ଅଧ୍ୟକ୍ଷା ରିତା ସେଠୀ, ଉପାଧ୍ୟକ୍ଷ ଅଜୟ ରାଉଳ, ସହକାରୀ ଯନ୍ତ୍ରୀ ପତିତପାବନ ଦାସ, ଅତିରିକ୍ତ ତହସିଲଦାର ମନ୍ମଥ ବେହେରା, ଜିଲା ପରିଷଦ ସଭ୍ୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଟାଙ୍ଗୀ (ଖୋର୍ଦ୍ଧା), (ଡି.ଏନ.ଏ.)- ସାମୁଦ୍ରିକ ଝଡ ଫନୀ ସମ୍ପର୍କରେ ଟାଙ୍ଗୀ ବିଡିଓ ଭାସ୍କର ରଇତ ଅଞ୍ଚଳବାସୀଙ୍କୁ ସତର୍କତା ଅବଲମ୍ବନ କରିବା ପାଇଁ ଜରୁରୀ ସୂଚନା ଜାରି କରିଛନ୍ତି। ଏହି ବାତ୍ୟା ପ୍ରଭାବରେ ଆସନ୍ତା ଗୁରୁବାର ଠାରୁ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ଓ ଘଣ୍ଟାପ୍ରତି ୧୮୦ କିମି ବେଗରେ ପବନ ବହିବାର ସୂଚନା ରହିଛି । ଏଣୁ ଏହି ବ୍ଲକର କାଚ୍ଚା ଓ ଅସୁରକ୍ଷିତ ଗୃହରେ ବସବାସ କରୁଥିବା ଲୋକମାନେ ବୁଧବାରଠାରୁ ନିକଟସ୍ଥ ସୁରକ୍ଷିତ ବିଦ୍ୟାଳୟ ଗୃହ, ବାତ୍ୟା ଆଶ୍ରୟ ସ୍ଥଳି, ଅଙ୍ଗନୱାଡି କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସହ ସ୍ଥାନାନ୍ତର ହେବାକୁ ସେ ନିବେଦନ କରିଛନ୍ତି।

## ଫନୀ : କୃଷ୍ଣପ୍ରସାଦବାସୀ ଆତଙ୍କିତ



ଚାଷୀମାନେ ଫନୀ ବାତ୍ୟା ଭୟରେ ଧାନ ଅମଳ କରୁଛନ୍ତି ।

**କୃଷ୍ଣପ୍ରସାଦ,୩୦।୪(ଡି.ଏନ.ଏ.)**

ଫାଇଲିନ, ହୁଡ୍‌ହୁଡ୍,ତିତିଲି ବାତ୍ୟା ଭୟ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ସାମୁଦ୍ରିକ ଝଡ ଫନୀ କୃଷ୍ଣପ୍ରସାଦ ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଛି । କେତେକ ଲୋକ ଅଞ୍ଚଳ ଛାଡି ସହରମାନଙ୍କରେ ନିଜ ସମ୍ପର୍କୀୟମାନଙ୍କ ଘରକୁ ଚାଲିଯାଉଥିବା ଜଣାଯାଇଛି । ବାତ୍ୟା ଭୟରେ ଚାଷୀମାନେ ଟାଇଚୁନ ଧାନ ଅଧା ପାଚିଲାରୁ ଅମଳ କରି ନେଉଥିବା ଦେଖାଯାଉଛି। ଏ ସମ୍ପର୍କରେ ପିଟିଶାଳ ଗ୍ରାମର ଆରତ ପଲେଇ କୁହନ୍ତି , ଗତ ୩ଟି ବାତ୍ୟାରେ ଘରଦ୍ୱାର ସହିତ ଫସଲ ବହୁ ପରିମାଣରେ ନଷ୍ଟ ହୋଇଯାଇଥିଲା। ସେହି ଛାନିଆ ମନରୁ ଏଯାଏ ଯାଇନାହିଁ। ଏବେ ଫନୀ ବାତ୍ୟା ଭୟରେ ଜମିରେ ହୋଇଥିବା ଧାନ ଫସଲ ଅଧା ପାଚିଲାରୁ ମେଶିନ୍ ଦ୍ୱାରା ଅମଳ କରିବାରେ ଲାଗିଛୁ। ସମୁଦ୍ର କୂଳରେ ଥିବା ସିଆଣ୍ଡି,ନବା,ରାମଲେଙ୍କା,ଖିରିସାହି ଅଞ୍ଚଳର ମତ୍ସ୍ୟଜୀବୀମାନେ ନିଜ ଡଙ୍ଗାକୁ ସୁରକ୍ଷିତ ରଖିବା ପାଇଁ ବାଲି ଉପରକୁ ଟାଣି ଆଣି ବାଉଁଶ ପୋତି ବାନ୍ଧିବାରେ ଲାଗିଛନ୍ତି। ସଂପୃକ୍ତ ବ୍ଲକରେ ୪୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଗୃହ ରହିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଅଧା ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛ । କେଉଁଠି ବିଦ୍ୟୁତ୍ ନାହିଁ ତ କେଉଁଠି ପାଣି ମୋଟର ଅଚଳ ହୋଇପଡିଛି । ସ୍ୱଳ୍ପ ସମୟ ମଧ୍ୟରେ ଏ ସବୁ ମରାମତି କରାଯାଇ କିଭଳି ଭାବରେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ଗୃହକୁ ସ୍ଥାନାନ୍ତର କରାଯିବ ତାହା ଏବେ ଚିନ୍ତାର ବିଷୟ ହୋଇଛି। ଜିଲାସ୍ତରରେ ଏହାର ମୁକାବିଲା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ଆଖିରୁ ନିଦ ହଜିଯାଇଛି। ଆଉ ଗୋଟିଏ ଦିନରେ ଲୋକମାନଙ୍କୁ ଡାକବାଜି ଯନ୍ତ୍ର, ସଭା ସମିତି ଦ୍ୱାରା କିଭଳି ଭାବରେ ସଜାଗ କରାଯାଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଙ୍ଗଳବାର ରାତ୍ରରେ ଜିଲାପାଳଙ୍କ ସଭାଗୃହରେ ସଚେତନ ପାଇଁ ଏକ ସଭାର ଆୟୋଜନ କରାଯାଇଛି । ଏ ସମ୍ପର୍କରେ ଦଳିତ ସେବା ସଙ୍ଗଠନର ସମ୍ପାଦକ ପ୍ରବୀର କୁମାର ନାୟକ ଙ୍କୁ ପଚାରିବାରେ ସେ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟିର ସଦସ୍ୟମାନଙ୍କୁ ଏ ନେଇ ସଜାଗ ରହିବା ନିମନ୍ତେ ସଚେତନ କରାଯାଇଥିବା କହିଥିଲେ। ଗର୍ଭବତୀ,ଦିବ୍ୟାଙ୍ଗମାନଙ୍କୁ ପ୍ରଥମେ ଉପକୂଳ ଅଞ୍ଚଳରୁ ସ୍ଥାନାନ୍ତରିତ କରାଯିବ ବୋଲି କହିଛନ୍ତି।

## ଟାଣ ଖରାରେ ପାର୍କ କାମ କରୁଛନ୍ତି ଶ୍ରମିକ




ଖରାରେ ଶ୍ରମିକମାନେ କାମ କରୁଛନ୍ତି ।

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧାର ବିଜୁ ପଟ୍ଟନାୟକ ପାର୍କ ପ୍ରାଚୀରରେ ଗ୍ରିଲ ଲଗାଇବା କାର୍ଯ୍ୟ ଦୁଇଦିନ ହେଲା ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟାଣ ଖରାରେ ଶ୍ରମିକ କାମ କରୁଛନ୍ତି। ଟାଣ ଖରାକୁ ଆଖି ଆଗରେ ରଖି ସରକାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଯିବ ନାହିଁ ବୋଲି କଟକଣା ଜାରି କରିଛନ୍ତି। ହେଲେ କଟକଣାକୁ ଅଣଦେଖା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର, ଅତିରିକ୍ତ ଶ୍ରମ କମିଶନର, ଅତିରିକ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ୧୫ ମିଟର ଦୂରରେ ବେଆଇନ ଭାବେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାଯାଇଛି। ପାର୍କ ପୁନରୁଦ୍ଧାର କାମ ଖରାରେ ଶ୍ରମିକଙ୍କୁ କରିବାକୁ ଅନୁମତି କିଏ ଦେଲା, ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନ୍ୟପକ୍ଷେ ଜିଲାପାଳ, ଅତିରିକ୍ତ ଶ୍ରମ କମିଶନର, ଅତିରିକ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଖରାରେ କାମ ଚାଲିଥିବାବେଳେ ଗାଁ ଗହଳିରେ ସରକାରୀ ଆଦେଶ କିପରି ଅଣଦେଖା ହେଉଥିବ ଏଥିରୁ ଅନୁମେୟ। ଏ ନେଇ ଅତିରିକ୍ତ ଶ୍ରମ କମିଶନର ପ୍ରଦୀପ ମହାପାତ୍ରଙ୍କୁ ପଚାରିବାରେ ସେ ଏହି ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

### ଖୋର୍ଦ୍ଧା ବ୍ଲକରେ ଫନୀ ପ୍ରସ୍ତୁତି
## ସ୍ଥାନାନ୍ତର ପାଇଁ ପଞ୍ଚାୟତକୁ କରାଗଲା ଚିଠି

**ଖୋର୍ଦ୍ଧା ଅଫିସ,୩୦।୪**

ଫନୀର ପ୍ରଭାବ ଖୋର୍ଦ୍ଧା ଜିଲାରେ ଅଧିକ ପଡିବାକୁ ଥିବାବେଳେ ଏହାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ବିଗତବର୍ଷର ଅଭିଜ୍ଞତାକୁ ଆଧାର କରି ବ୍ଲକର ୧୫୫୧ ପରିବାର ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ପ୍ରାଥମିକ ଭାବେ ସଚେତନତା ଆରମ୍ଭ ହୋଇଛି। ଏଥିପାଇଁ ବ୍ଲକର ୨୨ ପଞ୍ଚାୟତକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ବ୍ଲକ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଫନୀ ବାତ୍ୟା ମେ ୨ରେ ଓଡ଼ିଶା ଉପକୂଳରେ ପହଞ୍ଚିବାର ସୂଚନା ରହିଛି। ପ୍ରଭାବରେ ୧ ସନ୍ଧ୍ୟାରୁ ୫ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ୧୮୦ କିମି ବେଗରୁ ଅଧିକ ପବନ ହେବାର ରହିଛି। କଚ୍ଚା ଓ ଅସୁରକ୍ଷିତ ଗୃହରେ ବାସ କରୁଥିବା ଜନସାଧାରଣଙ୍କୁ ବୁଧବାର ଅପରାହ୍ନ ୨ଟା ପୂର୍ବରୁ ନିକଟସ୍ଥ ସୁରକ୍ଷିତ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ନିଜର ଦୈନନ୍ଦିନ, ଆବଶ୍ୟକ ସାମଗ୍ରୀ ସହ ସ୍ଥାନାନ୍ତର ହେବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ୨୨ ପଞ୍ଚାୟତରେ ୩ ଜଣ ସୁପରଭାଇଜିଂ ଅଫିସର ନିୟୋଜିତ କରାଯାଇଛି। ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକମାନେ ସୁପରଭାଇଜିଂ ଅଫିସରଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ

## ସ୍ପୋର୍ଟସ୍ ହଷ୍ଟେଲ, କନୁର ଟେରିୟର୍ସ ବିଜୟୀ

**ଜଟଣୀ,୩୦।୪(ଡି.ଏନ.ଏ.)**

ଜଟଣୀ ରେଲୱେ ଷ୍ଟାଡିୟମରେ ଚାଲିଥିବା ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ତୃତୀୟ ଦିନ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏଶନ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରି କଟକର ସ୍ପୋର୍ଟସ୍ ହଷ୍ଟେଲ ବିଜୟୀ ହୋଇଛି। ସ୍ପୋର୍ଟସ ହଷ୍ଟେଲ ପକ୍ଷରୁ ଫ୍ରାନ୍ସିସ୍ ଲାକ୍ରା ଓ ଭାବଗ୍ରାହୀ ପଡ଼ିଆରୀ ଗୋଲ୍ ଦେଇଥିଲେ। ଦଳର ଅମର ଓରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଖୋର୍ଦ୍ଧାରୋଡ ଡିଭିଜନର ସିନିୟର ଡିଇଇ ଏମ୍‌ଏସ୍‌ଏନ୍ ମୂର୍ତ୍ତିଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଧାନବାଦ ଫୁଟବଲ ଏକାଡେମୀକୁ ୪-୩ ଟାଇବ୍ରେକରରେ ପରାସ୍ତ କରି କେରଳର କନୁର ଟେରିୟର୍ସ ଦଳ ବିଜୟୀ ହୋଇଥିଲା। ଖେଳର ନିର୍ଦ୍ଧାରିତ ସମୟ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। କେରଳ ଦଳର ଗୋଲ୍‌କିପର ସୌନେଶ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟାଶନାଲ ଏକାଡେମୀ ଅଫ୍ ଇଣ୍ଡିଆନ୍ ରେଲୱେର ପ୍ରଫେସର ସଞ୍ଜିବ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ମ୍ୟାଚ୍‌ରେ ସୁବ୍ରତ ପୁରୋହିତ ରେଫ୍ରି ରହିଥିବା ବେଳେ ସୁରେଶ କୁମାର ଦାସ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଆସିଷ୍ଟାଣ୍ଟ ରେଫ୍ରି କାର୍ଯ୍ୟ ସମ୍ପାଦନ କରିଥିଲେ। ବୁଧବାର ଅନୁଷ୍ଠିତ ହେବାକୁ ଥିବା ଦୁଇଟି ମ୍ୟାଚ୍‌ରୁ ଗୋଟିଏରେ ଫୁଲବାଣୀ ଫୁଟବଲ ଆସୋସିଏଶନ୍ ବନାମ ଚେନ୍ନାଇର ଆଇସିଏଫ୍ ସ୍ପୋର୍ଟସ ଆସୋସିଏଶନ୍ ଓ ଦ୍ୱିତୀୟ ମ୍ୟାଚ୍‌ଟି କଲିକତାର ସାଉଥ୍ ଇଷ୍ଟର୍ନ ରେଲୱେ ସ୍ପୋର୍ଟସ୍ ଆସୋସିଏଶନ୍ ବନାମ ପଶ୍ଚିମବଙ୍ଗ ସେଲ୍ ଫୁଟବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଏଟିଏମ୍ ଭଙ୍ଗା ଘଟଣା:ମିଳିଲା ସମ୍ପୃକ୍ତ ଯୁବକଙ୍କ ସିସିଟିଭି ଫୁଟେଜ୍

**ନିରାକାରପୁର,୩୦।୪(ଡି.ଏନ.ଏ.)**



ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଦୁଇ ଦୁଇ ଥର ଲୁଟେରାମାନେ ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଏ ଘଟଣା ପରେ ବିଭିନ୍ନ ଗଣମାଧ୍ୟମରେ ପୋଲିସର ବିଫଳତା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ନିରାକାରପୁର ପୋଲିସ ବିଶେଷ ଭାବେ ତଦନ୍ତ କରିଥିଲା। ସମ୍ପୃକ୍ତ ଲୁଟେରାମାନଙ୍କୁ ଚିହ୍ନଟ ପାଇଁ ସିସିଟିଭି ଯାଞ୍ଚ ପରେ ସେମାନଙ୍କ ଫୁଟେଜ୍ ଦେଖିବାକୁ ମିଳିଥିବା ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି ।

## ମାଡ ମାରି ଲୁଟି ନେଲେ ସ୍କୁଟି

**ଖୋର୍ଦ୍ଧା ଅଫିସ,୩୦।୪:**

ବାଣପୁର ଥାନା ଭେଷରୀ ଅଞ୍ଚଳର କେନାଲ ରାସ୍ତାରେ ଚାଳକଙ୍କୁ ମାଡମାରି ଏକ ସ୍କୁଟି ଲୁଟ୍ ହୋଇଛି। ଭେଷରୀ ଗ୍ରାମର ନକୁଳ ଖୁଣ୍ଟିଆ ସ୍କୁଟି ଯୋଗେ ସୋମବାର ରାତି ପ୍ରାୟ ୧୦ଟାରେ ବାଲୁଗାଁରୁ ୧୬ ନଂ. ଜାତୀୟ ରାଜପଥ ଦେଇ କେନାଲ ରାସ୍ତାରେ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ୪ ଦୁର୍ବୃତ୍ତ ନକୁଳଙ୍କୁ ମାଡ ମାରିବା ସ୍କୁଟିକୁ ଛଡାଇ ନେଇଥିଲେ। ନକୁଳଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାଠପଢ଼ୁ, ଫଳକୁ ଅପେକ୍ଷା କରନି

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପାଢ଼ଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବେଗୁନିଆ ଏବିଇଓ ଦଳୀପ ମହାପାତ୍ର, ମୟୂରଖଳିଆ କଲେଜର ଅଧ୍ୟକ୍ଷ ଅରବିନ୍ଦ ଗଜେନ୍ଦ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିକୋ ସରପଞ୍ଚ ସୁରେଶ ସାହୁ, ସମିତିସଭ୍ୟ ଦେବେନ୍ଦ୍ର ରଣସିଂହ, ପ୍ରଧାନ ଶିକ୍ଷକ ଶେଖ୍ ମଞ୍ଜୁର, ସିଆରସିସି ଗୋପୀନାଥ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ଛୋଟରାୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବକ୍ତାମାନେ ନିଜ ଭାଷଣରେ ଛାତ୍ରୀଛାତ୍ରଙ୍କୁ କହିଥିଲେ, ପାଠପଢ଼ାରେ ଅବହେଳା କରନାହିଁ। ଫଳକୁ ଅପେକ୍ଷା କଲେ କୃତ କାର୍ଯ୍ୟ ମିଳେ ନାହିଁ। ପରିଶ୍ରମର ଫଳ କେବେ ବୃଥା ଯିବନି। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ଲିଙ୍ଗରାଜ ପରମଗୁରୁ ଅତିଥି ପରିଚୟ, ଛାତ୍ରୀ ଅଭୀପ୍ସା ବଳିଆରସିଂହ ଧନ୍ୟବାଦ ଦେଇଥିଲେ।




ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

# ଅପହଞ୍ଚ ଯୋଜନା: ଅସୁରକ୍ଷିତ ଶ୍ରମିକ

**ଖୋର୍ଦ୍ଧା ଅଫିସ,୩୦।୪**

ଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶୋଷଣ କରାଯାଉଛି। ଶିକ୍ଷାର ଅଭାବ ତଥା ଅଭିଯୋଗ କରିବାର ସାହସ ନ ଥିବାରୁ ଏଭଳି ହଇରାଣ ହେଉଛନ୍ତି। କେଉଁଠି ଶାରୀରିକ ନିର୍ଯାତନା ଦିଆଯାଉଛି ତ ଆଉ କେଉଁଠି ବିନା ପାରିଶ୍ରମିକରେ ଗୋଟି ଖଟାଯାଉଛି। ଶ୍ରମିକଙ୍କୁ ସେମାନଙ୍କ ଉଚିତ ପ୍ରାପ୍ୟ ଦେବା, ଶୋଷଣରୁ ମୁକ୍ତ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ବାଟବଣା ହୋଇଯାଉଛି। ଶ୍ରମିକ ନିର୍ଯାତନା ବଢୁଛି ସିନା ହ୍ରାସ ପାଇବାର କୌଣସି ସଙ୍କେତ ମିଳୁନାହିଁ। ସରକାରୀ ଯୋଜନା ଅପହଞ୍ଚ ହେଉଥିବାରୁ ଶ୍ରମିକ ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ ରହିଛି।

### ଫାଙ୍କୁଛନ୍ତି ଠିକା ସଂସ୍ଥା

ଶ୍ରମିକମାନଙ୍କୁ ପରିଚୟପତ୍ର ଶିଳ୍ପ କର୍ତ୍ତୃପକ୍ଷ ଦେଉନାହାନ୍ତି। ସମାନ କାମ ପାଇଁ ସମାନ ମଜୁରି ଘୋଷଣା ହେଉଥିଲେ ମଧ୍ୟ ସେମାନେ ପାଉନାହାନ୍ତି। ପୁରୁଷ, ମହିଳା ଶ୍ରମିକଙ୍କ ମଜୁରି କ୍ଷେତ୍ରରେ ବହୁ ତଫାତ ରହୁଛି। ଭବିଷ୍ୟନିଧି ବିଭାଗ ଖୋର୍ଦ୍ଧା ଜିଲାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଫଳରେ ଜିଲାର ବହୁ ଶ୍ରମିକ ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି। ଖୋର୍ଦ୍ଧା ଜିଲାରେ ବରୁଣେଇ ଓ ସାରୁଆ ପରି ଶିଳ୍ପାଞ୍ଚଳରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସଂସ୍ଥା ରହିଛି। ହେଲେ କେଉଁ ଶିଳ୍ପରେ କେତେ ଶ୍ରମିକ ନିୟୋଜିତ ଅଛନ୍ତି ତା'ର ହିସାବ ଶ୍ରମ ବିଭାଗ ପାଖରେ ନାହିଁ। ପୁଣି ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକ ଚିହ୍ନଟ ହୋଇ ପାରୁନାହାନ୍ତି। କେଉଁ ଶ୍ରମିକ କାର୍ଯ୍ୟରେ ଯୋଗ ଦେଉଛନ୍ତି, କାହାକୁ କଢା ଯାଉଛି ତା'ର ହିସାବ ମଧ୍ୟ ଶ୍ରମ ବିଭାଗ ରଖିନାହିଁ।

### ସୁରକ୍ଷା ବ୍ୟବସ୍ଥାରେ ଢିଲା

ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ସୁରକ୍ଷା ସରଞ୍ଜାମ ଠିକ୍ ଭାବେ ପାଉ ନ ଥିବା ଅଭିଯୋଗ ରହିଛି। କେତେକ କ୍ଷେତ୍ରରେ ସୁରକ୍ଷା ସରଞ୍ଜାମ ସିଧାସଳଖ ଦିଆ ନ ଯାଇ ଠିକାଦାରଙ୍କ ମାଧ୍ୟମରେ ଦିଆଯାଉଛି। ଠିକାଦାର ନିମ୍ନମାନର ସୁରକ୍ଷା ସରଞ୍ଜାମ ଯୋଗାଣ କରୁଥିବା ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନି। ସୁରକ୍ଷା ସରଞ୍ଜାମ ବ୍ୟବହାର ନ କରି ବିଭିନ୍ନ ସମୟରେ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ସୁରକ୍ଷା ବିଭାଗ ଓ କମ୍ପାନୀ କର୍ତ୍ତୃପକ୍ଷ ଏହାର ଠିକ୍ ଭାବେ ଯାଞ୍ଚ କରୁନାହାନ୍ତି। ଏପରିସ୍ଥଳେ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରି କେତେଜଣ ଶ୍ରମିକ ମୃତ୍ୟୁ ଓ ଅଙ୍ଗ ହରାଇଥିବା ନଜୀର ରହିଛି। ଏଥିପାଇଁ ବିଭିନ୍ନ ସମୟରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ କମ୍ପାନୀ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ହୋଇଛି। ହେଲେ ଏହାକୁ ଭିନ୍ନ ରୂପ ଦିଆଯାଇ ଚାପି ଦିଆଯାଉଛି। ଜିଲା ଶ୍ରମ ବିଭାଗ ପକ୍ଷରୁ ଶ୍ରମିକମାନଙ୍କ ସମସ୍ୟାକୁ ଠିକ୍ ଭାବେ ନିରୀକ୍ଷଣ କରାଯାଉ ନ ଥିବାରୁ ଶ୍ରମିକ ପରିବାର ଉପକୃତ ହେଉନାହାନ୍ତି।

### ରୋକାଯାଇ ପାରୁନି ଦାଦନ

ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର, ଚିଲିକା, ବାଲୁଗାଁ ଅଞ୍ଚଳରେ ଦାଦନ ସମସ୍ୟା ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଛି। ଚିଲିକା ହ୍ରଦ ଥାଇ ବି ଲୋକ କାମ ପାଉନାହାନ୍ତି। ଏଠାରୁ ବର୍ଷତମାମ ରାଜ୍ୟ ଓ ଦେଶ ବାହାରକୁ ଶିଶୁ ଶ୍ରମିକ ଓ ଶ୍ରମିକ କାମ କରିବାକୁ ଯାଉଛନ୍ତି। ନାବାଳିକା ଓ ମହିଳାଙ୍କୁ ଚାକିରି ନାଁରେ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଏମାନେ ନିର୍ଯାତିତ ହେଲେ ଘଟଣା ଲୋକଲୋଚନକୁ ଆସୁଛି। ସେମାନଙ୍କୁ ମୁକ୍ତ ପାଇଁ ବିଭିନ୍ନ ସମୟରେ ଖୋର୍ଦ୍ଧା ଜିଲାପାଳ, ଅତିରିକ୍ତ ଶ୍ରମ ଅଧିକାରୀ, ଅତିରିକ୍ତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ଓ ଅଭିଯୋଗ ହେବାର ନଜୀର ରହିଛି।

### ଦେଶର ଭବିଷ୍ୟତ ଅନ୍ଧାରରେ

ଖୋର୍ଦ୍ଧା ଜିଲାର ବିଭିନ୍ନ କ୍ଷେତ୍ରରେ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରାଯାଉଛି। ସଦର ମହକୁମାରେ ଅଧିକାଂଶ ଶିଶୁ ହୋଟେଲ, ଗ୍ୟାରେଜ, ରେଷ୍ଟୁରାଣ୍ଟ, କ୍ରଶରରେ କାମ କରୁଛନ୍ତି। ସେହିପରି ଇଟାଭାଟିରୁ ଆରମ୍ଭ କରି ବଡବଡିଆଙ୍କ ଘରେ ଖଟାଯାଉଛି। କେତେଜଣ ଶିଶୁ ଭିକ୍ଷାବୃତ୍ତିରେ ନିୟୋଜିତ ହେଉଛନ୍ତି। ଶିଶୁମାନଙ୍କୁ ସ୍କୁଲ ଯିବାରୁ ବଞ୍ଚିତ କରିବା, ସମୟ ପୂର୍ବରୁ ସ୍କୁଲ ଛାଡିବାକୁ ବାଧ୍ୟ କରାଯିବା ଓ ପାଠପଢ଼ା ସହ କଠୋର ପରିଶ୍ରମ ଭଳି କାମ କରାଇବା ମଧ୍ୟ ଆଇନତଃ ଦଣ୍ଡନୀୟ। ଅନ୍ୟପକ୍ଷେ ଶିଶୁଙ୍କୁ ଉଦ୍ଧାର କରିବାକୁ ଜିଲାସ୍ତରରେ ସ୍କ୍ୱାଡ ଥାଇ ମଧ୍ୟ ପଛଘୁଞ୍ଚା ଦେଉଛି। ଖୋର୍ଦ୍ଧା ଜିଲା ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଦିଲୀପ କୁମାର ପାଣି କୁହନ୍ତି, ଶିଳ୍ପାଞ୍ଚଳରେ ସହାୟତା ମିଳୁନାହିଁ। ଶ୍ରମିକମାନେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିଲେ ମଧ୍ୟ କେହି ମୁହଁ ଖୋଲୁନାହାନ୍ତି। ଶିଳ୍ପ କର୍ତ୍ତୃପକ୍ଷ ସବୁ ଠିକ ଚାଲିଛି ବୋଲି ସଫେଇ ଦେଉଛନ୍ତି। ଯେତେବେଳେ ଶ୍ରମିକମାନେ ଯେଉଁ ଅଭିଯୋଗ କରିଛନ୍ତି ତା'ର ସମାଧାନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ମେ, ୨୦୧୯



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଫନୀର ମୁକାବିଲା ପାଇଁ କୋଣାର୍କ ଏନ୍‌ଏସି ପ୍ରଶାସନ ସଜାଗ

**କୋଣାର୍କ,୩୦।୪(ଡି.ଏନ୍.ଏ.):** ସାମୁଦ୍ରିକ ଝଡ ଫନିର ମୁକାବିଲା ପାଇଁ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାଶଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ ଚନ୍ଦ୍ରଭାଗା ସମୁଦ୍ର ଉପକୂଳସ୍ଥ ତେଲୁଗୁ ବସ୍ତିରେ ପହଞ୍ଚି ଜନସାଧାରଣଙ୍କ ସ୍ଥିତି ଅନୁଧାନ ଓ ଏହାର ମୁକାବିଲା ନିମନ୍ତେ ସମୀକ୍ଷା କରିଥିଲେ। ପରେ ଏନଏସି କାର୍ଯ୍ୟାଳୟରେ ଏ ନେଇ କର୍ମଚାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୋଣାର୍କ ଏନଏସି ପକ୍ଷରୁ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଶ୍ରମ, ସ୍କୁଲ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ଓ ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟସ୍ଥଳୀ ସମେତ ୧୩ଗୋଟି ସ୍ଥାନକୁ ସାମୁଦ୍ରିକ ଝଡ ଫନୀରୁ ଜନସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ଏଗୁଡିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବା ପାଇଁ ସ୍ଥିରୀକୃତ କରାଯାଇଛି। ଏନ୍‌ଏସି ତରଫରୁ ସମ୍ପୃକ୍ତ ଆଶ୍ରୟସ୍ଥଳୀଗୁଡ଼ିକରେ ଆଲୋକ ବ୍ୟବସ୍ଥା ପାଇଁ ୪ଟି ଜେନେରେଟର, ଶୁଖିଲା ଖାଦ୍ୟ, ପାନୀୟ ଜଳ, ବ୍ଲିଚିଂ ପାଉଡର, ହାଲୋଜିନ୍ ବଟିକା ଓ ରନ୍ଧା ଖାଦ୍ୟ କରାଯିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନଏସି ପକ୍ଷରୁ ସମ୍ଭାବ୍ୟ ବାତ୍ୟା ଫନି ସମ୍ପର୍କରେ ସଚେତନତା ନିମନ୍ତେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ଏହି ସମୟରେ ଜେସିପି, ଟ୍ରାକ୍ଟର, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ, ଓଡ୍ରାଫ ଟିମ ଓ ଅଗ୍ନିସେବା କେନ୍ଦ୍ରର ଅଧିକାରୀମାନଙ୍କୁ ସଜାଗ ରହି ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ଏନ୍‌ଏସି ପକ୍ଷରୁ ଅବଗତ କରାଯାଇଥିବା କୋଣାର୍କ ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ ପ୍ରକାଶ କରିଛନ୍ତି।

### ପୁରୀ କ୍ଲବରେ ମାଗଣା ଡାକ୍ତରୀ ପରାମର୍ଶ

**ପୁରୀ ଅଫିସ, ୩୦।୪:** ପୁରୀ କ୍ଲବ ପରିସରରେ ପ୍ରତି ବୁଧବାର ମାଗଣା ଡାକ୍ତରୀ ପରାମର୍ଶ ଦିଆଯିବ। ଅପରାହ୍ନ ୫ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଡାକ୍ତର ସଞ୍ଜୟ କୁମାର ମହାନ୍ତି (ମେଡିସିନ) ରୋଗୀମାନଙ୍କୁ ଏହି ମାଗଣା ଡାକ୍ତରୀ ପରାମର୍ଶ ଦେବେ। ଏହାଦ୍ୱାରା ରୋଗୀମାନେ ବେଶ୍ ଉପକୃତ ହୋଇପାରିବେ ବୋଲି କ୍ଲବର ସଦସ୍ୟ ରାଜକିଶୋର ପାତ୍ର କହିଛନ୍ତି।

### ଫନୀ ନିମନ୍ତେ ପ୍ରସ୍ତୁତି ବୈଠକ

**ସାକ୍ଷୀଗୋପାଳ,୩୦।୪(ସ୍ୱ.ପ୍ର.):** ସାମୁଦ୍ରିକ ଝଡ଼ ଫନୀ ମୁକାବିଲା ପାଇଁ ମଙ୍ଗଳବାର ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଭିଡିଓ କନଫରେନ୍ସିଂ ଜରିଆରେ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ସହ ପ୍ରଶାସନ କିଭଳି ସଜାଗ ରହିବ ସେ ନେଇ ଆଲୋଚନା କରିଛନ୍ତି।

■ ଶ୍ରୀମନ୍ଦିର ପ୍ରଶାସନର ସତ୍ୟପାଠ ବିବାଦ

# ରୀତିନୀତି ଯେମିତି ଚାଲିଛି ସେମିତି ଚାଲିବ

**ପୁରୀ ଅଫିସ,୩୦।୪**

## ବି.ଡି. ଶର୍ମାଙ୍କ ରିପୋର୍ଟ ଉଦାହରଣ ଭାବେ ଦାଖଲ କରାଯାଇଛି



ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ସତ୍ୟପାଠକୁ ନେଇ ଯେଉଁ ବିବାଦ ମୁଣ୍ଡଟେକିଛି ସେ ସଂକ୍ରାନ୍ତରେ ମଙ୍ଗଳବାର ସ୍ପଷ୍ଟୀକରଣ ରଖିଛନ୍ତି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ସେ କହିଛନ୍ତି, ଶ୍ରୀମନ୍ଦିରରେ ଦୈନନ୍ଦିନ ଓ ପର୍ବପର୍ବାଣି ରୀତିନୀତି ଯେମିତି ଚାଲିଛି ସେମିତି ଚାଲିବ। ମହାପ୍ରଭୁଙ୍କ ସେବାରେ ଦୈନିକ ନିର୍ଦ୍ଦିଷ୍ଟ ଭାବେ କେତେଜଣ ସେବକ ଆବଶ୍ୟକ ସେନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇନାହିଁ। ତେବେ ସେବକ ସଂଖ୍ୟା ନିରୂପଣ ନେଇ ମୁଖ୍ୟ ପ୍ରଶାସକ କିମ୍ବା ଜିଲା ଜଜ୍‌ଙ୍କୁ କ୍ଷମତା ପ୍ରଦାନ ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କୁ ନିବେଦନ କରାଯାଇଛି।

ଗଣମାଧ୍ୟମକୁ ମୁଖ୍ୟ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ୧୨ଟି ସୁପାରିସ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ବଂଶାନୁକ୍ରମିକ ସେବାପ୍ରଥା ଉଚ୍ଛେଦ ଓ ସେବକ ନିଯୁକ୍ତି ପ୍ରଥମ ସୁପାରିସ ରହିଥିଲା। ଏ ନେଇ ସେବାୟତଙ୍କ ସହ ବାରମ୍ବାର ଆଲୋଚନା ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ଏ ବିଷୟରେ ତର୍ଜମା କରିଛି। ପରିଚାଳନା କମିଟି ନିଷ୍ପତ୍ତି ନେଇଛନ୍ତି ଯେ, ଶ୍ରୀମନ୍ଦିରର ଦୈନନ୍ଦିନ ଓ ପର୍ବପର୍ବାଣି ରୀତିନୀତି ଶାସ୍ତ୍ରାନୁମୋଦିତ ପନ୍ଥାରେ ଚାଲୁ ରହିବ। ବଂଶାନୁକ୍ରମିକ ସେବାକୁ ଉଚ୍ଛେଦ କଲେ ମହାପ୍ରଭୁଙ୍କ ସେବାପୂଜାରେ ଏହାର ପ୍ରଭାବ ପଡ଼ିବ। ତେଣୁ ବଂଶାନୁକ୍ରମିକ ସେବା ପ୍ରଥା ଅକ୍ଷୁଣ୍ଣ ରଖି ସେବକଙ୍କ ସଂଖ୍ୟା ସୀମିତ କରାଯିବ। ପୂର୍ବତନ ଆମିକସ୍‌କ୍ୟୁରି ଏବଂ ବର୍ତ୍ତମାନର ଆମିକସ୍‌କ୍ୟୁରି ରଣଜିତ୍ କୁମାରଙ୍କୁ ମଧ୍ୟ ସେବାୟତଙ୍କ ସଂଖ୍ୟା ସୀମିତ ନେଇ ରିପୋର୍ଟ ପ୍ରଦାନ କରାଯାଇଛି। ପରିଚାଳନା କମିଟିରେ ଥିବା ସେବାୟତ ସଦସ୍ୟଙ୍କୁ ନ ଜଣାଇ ଏପରି ସତ୍ୟପାଠ ଦିଆଯାଇଥିବା ନେଇ ହେଉଥିବା ଅଭିଯୋଗ ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକ କହିଥିଲେ, କିଏ କ'ଣ କହୁଛନ୍ତି ତାହା ମୁଁ ଜାଣିନାହିଁ। ପୂର୍ବରୁ ଆମିକସ୍‌କ୍ୟୁରି ଏବଂ ରାଜ୍ୟ ସରକାରଙ୍କ ନିକଟରେ ଯାହା ଉପସ୍ଥାପନ କରାଯାଇଛି ତାହା ସତ୍ୟପାଠରେ ଦର୍ଶାଯାଇଛି। କିନ୍ତୁ କେତେ ସେବକ ରହିବେ, କ'ଣ କରିବେ ସେ ନେଇ ମନ୍ଦିର ପ୍ରଶାସନ ତରଫରୁ କିଛି ନିଷ୍ପତ୍ତି ନିଆଯାଇନାହିଁ କିମ୍ବା ସତ୍ୟପାଠ ଦିଆଯାଇନାହିଁ। ବର୍ତ୍ତମାନ ମହାପ୍ରଭୁଙ୍କ ଦୈନନ୍ଦିନ ସେବାରେ ୯୦ ଜଣ ସେବକ ନିୟୋଜିତ ରହୁଛନ୍ତି। ପ୍ରଶାସନ ଏତେ ବୋକା ନୁହେଁ ଯେ ଦୈନିକ ୩୬ଜଣ ସେବକ ମହାପ୍ରଭୁଙ୍କ ସେବା କରିପାରିବେ ବୋଲି ସତ୍ୟପାଠରେ ଉଲ୍ଲେଖ କରିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ସ୍ପଷ୍ଟୀକରଣରେ ଦର୍ଶାଯାଇଛି ଯେ, ଆମିକସ୍‌କ୍ୟୁରିଙ୍କ ରିପୋର୍ଟ ପରିପ୍ରେକ୍ଷୀରେ ପରିଚାଳନା କମିଟି ନିଷ୍ପତ୍ତି ପ୍ରକାରେ ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସତ୍ୟପାଠ ଦାଖଲ କରାଯାଇଛି। ଏଥିରେ ବଂଶାନୁକ୍ରମିକ ସେବା ପ୍ରଥା ଉଚ୍ଛେଦ ନ କରି ସେବକଙ୍କ ସଂଖ୍ୟା ସୀମିତ କରାଯିବା ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଛି। ଏହି ସତ୍ୟପାଠରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ବି.ଡି. ଶର୍ମା ସେବକ ସଂଖ୍ୟା ହ୍ରାସ ସମ୍ପର୍କରେ ତାଙ୍କ ରିପୋର୍ଟରେ କରିଥିବା ସୁପାରିସର ଉଦ୍ଧୃତାଂଶକୁ ଉଦାହରଣ ଭାବେ ଦାଖଲ କରାଯାଇଛି। କିନ୍ତୁ ଶର୍ମାଙ୍କ ରିପୋର୍ଟରେ ସେବକଙ୍କ ସଂଖ୍ୟା ଯାହା ରହିଛି ସେତିକି ସେବକଙ୍କୁ ନେଇ ମହାପ୍ରଭୁଙ୍କ ସେବା ସମ୍ପାଦକ କରିବା ସମ୍ଭବ ନୁହେଁ। ତେଣୁ ଆବଶ୍ୟକ ସେବକ ସଂଖ୍ୟା ଏବଂ ସେମାନଙ୍କ ଯୋଗ୍ୟତା ଆଦି ନିର୍ଦ୍ଧାରଣ ନିମନ୍ତେ ମୁଖ୍ୟ ପ୍ରଶାସକ କିମ୍ବା ଜିଲାଜଜ୍‌ଙ୍କୁ କ୍ଷମତା ପ୍ରଦାନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କୁ ନିବେଦନ କରାଯାଇଛି।

ଏ ସମ୍ପର୍କରେ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ନିଆଁ ନ ଥାଇ ଧୂଆଁ ବାହାରେ ନାହିଁ। ନିଶ୍ଚିତ ଭାବେ ଏହାର ସତ୍ୟତା ରହିଛି। ମହାପ୍ରଭୁଙ୍କ ନୀତିକାନ୍ତି ଠିକ୍ ଚାଲିଥିବାବେଳେ କ'ଣ ପାଇଁ ପରିଚାଳନା କମିଟିରେ ଆଲୋଚନା କରା ନ ଯାଇ ଏଭଳି ସତ୍ୟପାଠ ଦିଆଗଲା ତାହା ବୁଝାପଡୁନାହିଁ। ଆଗକୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା, ରଥଯାତ୍ରା ଥିବା ବେଳେ ଜାଣିଶୁଣି ସେବାୟତ ସମାଜକୁ ବଦ୍‌ନାମ କରିବା ଲାଗି ଏଭଳି କରାଯାଇଛି। କେତେଜଣ ପ୍ରଶାସନିକ ଅଧିକାରୀ ଚକ୍ରାନ୍ତ ଚଳାଇଛନ୍ତି। ଏଥିରେ ସେମାନେ କେବେହେଲେ ସଫଳ ହେବେ ନାହିଁ। ସେବାୟତମାନେ ଏକତ୍ରିତ ହୋଇ ଏହା ବିରୋଧରେ ଲଢେଇ କରିବେ। ମହାପ୍ରଭୁଙ୍କ ସେବାରେ କେତେଜଣ ସେବକ ନିୟୋଜିତ ହେବେ ତାହାର ସଂଖ୍ୟା ନିରୂପଣ କରିବାକୁ ପ୍ରଶାସନିକ ଅଧିକାରୀ କିଏ ବୋଲି ଦାସମହାପାତ୍ର ପ୍ରଶ୍ନ କହିଛନ୍ତି।



ପୁରୀ ବେଳାଭୂମିରେ ମଙ୍ଗଳବାର ମତ୍ସ୍ୟଜୀବୀମାନେ ଭଲିବଲ ଖେଳୁଛନ୍ତି।

■ ଇଭିଏମ୍ ସୁରକ୍ଷା ଚିନ୍ତା

### କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ରହିବ ପମ୍ପ

**ପୁରୀ ଅଫିସ,୩୦।୪**

ସମ୍ଭାବ୍ୟ ବାତ୍ୟା ଫନୀକୁ ନେଇ ପ୍ରଶାସନକୁ ଇଭିଏମ୍ ସୁରକ୍ଷା ଚିନ୍ତା ଘାରିଛି। କେନ୍ଦ୍ରୀୟ ବିଦ୍ୟାଳୟରେ ୧୨ଟି ଷ୍ଟ୍ରଙ୍ଗରୁମ୍‌ରେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଇଭିଏମ୍ ଏବଂ ଭିଭିପିଏଟି ରଖାଯାଇଛି। ସଶସ୍ତ୍ର ପୋଲିସ ଫୋର୍ସ ଜଗି ରହିଛନ୍ତି। ଫନୀ ପ୍ରଭାବରୁ ଇଭିଏମ୍‌କୁ ସୁରକ୍ଷା ଦେବା ପାଇଁ ମଙ୍ଗଳବାର ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଓ ବରିଷ୍ଠ ଅଧିକାରୀମାନେ କେନ୍ଦ୍ରୀୟ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧାନ କରିଥିଲେ। ଜୋର ବର୍ଷା ପବନ ହେଲେ ବିଦ୍ୟାଳୟ ପରିସରରେ ପାଣି ଜମିବ। ଏହା ଷ୍ଟ୍ରଙ୍ଗରୁମ୍ ଭିତରକୁ ପଶିବ କି ନାହିଁ ସେ ନେଇ ଅନୁଧାନ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଷ୍ଟ୍ରଙ୍ଗରୁମ୍ ଉଚ୍ଚ ସ୍ଥାନରେ ରହିଛି। ମଙ୍ଗଳବାର ଆର୍ ଆଣ୍ଡ ବି'ର ଟେକ୍ନିକାଲ ଟିମ୍ ସ୍ଥିତି ପରଖିଥିଲେ। ପାଣି ପଶିବାର ସମ୍ଭାବନା ନାହିଁ। କିନ୍ତୁ ସଜାଗ ରହିବାକୁ ପଡ଼ିବ। ପାଣି ଯେପରି ଶୀଘ୍ର ନିଷ୍କାସନ ହେବ ସେଥିଲାଗି ବିଦ୍ୟାଳୟ ପରିସର ଡ୍ରେନ୍‌କୁ ସଫା କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଏଠାରେ ମୋଟର ପମ୍ପ ମହଜୁଦ୍ ରଖାଯିବ।

■ 'ଫନୀ'କୁ ନେଇ ସାଧାରଣରେ ଆତଙ୍କ

# ସ୍ଥାନୀୟ ଲୋକଙ୍କ କବ୍‌ଜାରେ ବାତ୍ୟା ଆଶ୍ରୟସ୍ଥଳୀ



ବ୍ରହ୍ମଗିରିରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀରେ ଛଣ ରଖିଛନ୍ତି।

**ବ୍ରହ୍ମଗିରି, ୩୦।୪(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ଫନୀ ପୁରୀ ଜିଲା ସାତପଡା ଠାରୁ ଚନ୍ଦ୍ରଭାଗା ମଧ୍ୟରେ ସ୍ଥଳଭାଗ ଛୁଇଁବାନେଇ ପାଣିପାଗ ବିଭାଗ ସମ୍ଭାବ୍ୟ ସୂଚନା ଦେବା ପରେ ଉପକୂଳ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏ ନେଇ ଜିଲାପାଳମାନଙ୍କୁ ସତର୍କ ସୂଚନା ଦିଆଯାଇଛି। ଉପକୂଳ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯିବର ବ୍ୟବସ୍ଥା ରହିଛି। କିନ୍ତୁ କେତେକ ସ୍ଥାନରେ ଏହି ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଲୋକଙ୍କ କବ୍‌ଜାରେ ରହିଛି।

ପ୍ରକାଶ ଥାଉକି, ଚନ୍ଦ୍ରଭାଗାଠାରୁ ସାତପଡା ମଧ୍ୟରେ ବ୍ରହ୍ମଗିରି ବ୍ଲକର ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ଉପକୂଳ ଅଞ୍ଚଳରେ ରହିଛି। ସେଥି ମଧ୍ୟରୁ ମୋଟ, ଅରଖକୁଦା, ସାନପାଟଣା, ଗବକୁଣ୍ଡ, ମିର୍ଜାପୁର ଆଦି ଗ୍ରାମଗୁଡିକ ସମୁଦ୍ରର ଅତି ନିକଟବର୍ତ୍ତୀ ଅଞ୍ଚଳରେ ରହିଛି। ଗତ ଫାଇଲିନରେ ଅରଖକୁଦା ଓ ସାନପାଟଣା ବେଶି କ୍ଷତିଗ୍ରସ୍ତ ହୋଇଥିଲା। ଏପଟେ ଏହି ଉପକୂଳ ଅଞ୍ଚଳଗୁଡ଼ିକରେ ରହିଥିବା ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରୁ କେତକ ଘରୋଇ ଲୋକ ନିଜ କବ୍‌ଜାରେ ରଖି ଧାନ, ଛଣଗଦା ଦେଇ ରଖିଛନ୍ତି। ସାତପଡ଼ାଠାରେ ଥିବା ଏକ ବାତ୍ୟାଆଶ୍ରୟସ୍ଥଳୀରେ ସ୍ଥାନୀୟଲୋକେ ଛଣଗଦା ଓ ଧାନବସ୍ତା ରଖିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ବାତ୍ୟା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବାତ୍ୟାଆଶ୍ରୟସ୍ଥଳୀକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି।

■ ନିର୍ବାଚନ ପରବର୍ତ୍ତୀ ହିଂସା

# ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**କାକଟପୁର, ୩୦।୪(ଡି.ଏନ୍.ଏ.)**



କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସୋମବାର ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିବାବେଳେ ସନ୍ଧ୍ୟାରେ ଅସ୍ତରଙ୍ଗ ଥାନା ଅନନ୍ତା ଗ୍ରାମରେ ରାଜନୈତିକ ହିଂସା ଦେଖାଦେଇଥିଲା। ଅନନ୍ତା ଗ୍ରାମର ପଙ୍କଜ ସ୍ୱାଇଁ ନାମକ ଜଣେ ଭାଜପା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ତାଙ୍କ ବାପା ଭାଗବତ ସ୍ୱାଇଁ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ଥାନାରେ ଏ ନେଇ ନଂ୪୦/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ରଞ୍ଜନକୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ଫେରାର୍ ଥିବା ନେଇ ମଧ୍ୟ ସେ ସୂଚନା ଦେଇଛନ୍ତି।

ବାପା ଭାଗବତଙ୍କ ଅଭିଯୋଗ କ୍ରମେ ପୁଅ ପଙ୍କଜ ଭୋଟ ଦେଇ ଘରକୁ ଫେରୁଥିବାବେଳେ ଗାଁ ଠାକୁରାଣୀ ମନ୍ଦିର ନିକଟରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ କାହିଁକି ଆମ ବିରୋଧରେ କାମ କରୁଛୁ ବୋଲି କହିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଙ୍କଜ ପଡ଼ିଥିବାବେଳେ ଗ୍ରାମବାସୀ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଅସ୍ତରଙ୍ଗ ଓ ପରେ ୧୦୮ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ପଙ୍କଜଙ୍କ ଅବସ୍ଥା ଗୁରୁତର ରହିଛି। ମଙ୍ଗଳବାର ଭାଜପା ବିଧାୟକ ପ୍ରାର୍ଥୀ ରବି ମଲ୍ଲିକ ମେଡିକାଲ୍ ଯାଇ ପଙ୍କଜଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିବା ସହିତ ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅନନ୍ତା ଗ୍ରାମରେ ଦୁଇ ଦଳର ସମର୍ଥକଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

■ ଜିଲାରେ ମତଦାନ ହାର

# ପଛରେ ପୁରୀ, ଆଗରେ ବ୍ରହ୍ମଗିରି

**ପୁରୀ ଅଫିସ, ୩୦।୪**

ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଏଥିରେ ପ୍ରତ୍ୟେକ ଭୋଟର ସାମିଲ ହୋଇ ନିଜର ମୂଲ୍ୟବାନ ଭୋଟ ଦେଇ ଜନପ୍ରତିନିଧିଙ୍କୁ ବାଛିଥାନ୍ତି। ଚଳିତ ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟର ଯେପରି ମତାଧିକାର ସାବ୍ୟସ୍ତ କରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ନିର୍ବାଚନ କମିଶନ। ଏଥିଲାଗି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଥିଲା। ହେଲେ ପୁରୀ ଜିଲାରେ ଭୋଟର ଏତେଟା ସଚେତନ ନୁହନ୍ତି ତାହା ମତଦାନରୁ ଜଣାପଡିଛି। ଜିଲାର ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୩ ତାରିଖରେ ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରିରେ ମତଦାନ ସରିଥିବା ବେଳେ ସୋମବାର କାକଟପୁର ଓ ନିମାପଡ଼ାରେ ଭୋଟଗ୍ରହଣ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଅନ୍ୟ ୪ଟି ଭଳି ଏହି ଦୁଇ ନିର୍ବାଚନମଣ୍ଡଳୀରେ ମଧ୍ୟ ମତଦାନ ହାର ଏତେ ଭଲ ହୋଇପାରି ନାହିଁ। ନିର୍ବାଚନମଣ୍ଡଳୀ ଅନୁଯାୟୀ ଦେଖିଲେ ଏଥର ଭୋଟଦାନ ହାରରେ ବ୍ରହ୍ମଗିରି ଆଗରେ ଥିବା ବେଳେ ପଛରେ ରହିଛି ପୁରୀ। ବ୍ରହ୍ମଗିରିରେ ୮୧ ପ୍ରତିଶତ ମତଦାନ ହୋଇଥିବା ବେଳେ ପୁରୀରେ ମାତ୍ର ୬୩.୮୫ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଥର ଭୋଟ ଗ୍ରହଣ କେନ୍ଦ୍ରକୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି କେତେକ ପଦକ୍ଷେପ ନିଆଯାଇଥିଲା। ବିଶେଷକରି ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଥିଲା। ସେମାନଙ୍କୁ ଘରୁ ଆଣିବା ଏବଂ ଛାଡିବା ପାଇଁ ମଧ୍ୟ ଗାଡିର ବ୍ୟବସ୍ଥା କରାଯାଇଥିଲା। ଏହା ସତ୍ତ୍ୱେ ମତଦାନ ହାର ନୈରାଶ୍ୟଜନକ ରହିଛି। ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀର ଭୋଟ ହାରକୁ ଅନୁଧାନ କଲେ ବ୍ରହ୍ମଗିରିରେ ସର୍ବାଧିକ ୮୧.୦୫ ମତଦାନ ହୋଇଥିବା ବେଳେ ପୁରୀରେ ସବୁଠୁ କମ୍ ୬୩.୮୫ ଭୋଟ ହୋଇଛି। ସେହିପରି ସତ୍ୟବାଦୀରେ ୭୪.୮୯, ପିପିଲି ୭୭.୩, ନିମାପଡ଼ାରେ ୭୭.୨୪ ଏବଂ କାକଟପୁରରେ ୭୧.୦୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।

# ଶୀତଳ ବାଂଙ୍ଗ ପ୍ରତି ବଢୁଛି ଆଗ୍ରହ

**ପୁରୀ ଅଫିସ, ୩୦।୪**



ପଥଚାରୀଙ୍କୁ ଶୀତଳ ବାଙ୍ଗ ପ୍ରଦାନ କରାଯାଉଛି।

ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ପଥିକମାନଙ୍କୁ ସାମୟିକ ଶୀତଳତା ପ୍ରଦାନ ଲାଗି 'ଶାନ୍ତି' ଅନୁଷ୍ଠାନ ପକ୍ଷରୁ ଶୀତଳ ବାଙ୍ଗ ସେବା ଯୋଗାଇ ଦିଆଯାଉଛି। ଗତ ମହାବିଷୁବ ସଂକ୍ରାନ୍ତିଠାରୁ ପୁରୀ ପୌର ସଦନ ଛକରେ ଚାଲିଛି ଏହି ସେବା। ଏଥିପ୍ରତି ଧୀରେ ଧୀରେ ଲୋକଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଗତ ଦୁଇ ସପ୍ତାହ ମଧ୍ୟରେ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାଙ୍ଗସେବା ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେବା ଜାରି ରହିଥାଏ ବୋଲି ଅନୁଷ୍ଠାନର ସମ୍ପାଦକ ପଦ୍ମନାଭ ତ୍ରିପାଠୀ କହିଛନ୍ତି। ଏକ ଧଳା ଟର୍କିସକୁ ଏକ ଆଇସ୍ ପେଟିରେ ଚନ୍ଦନ, କର୍ପୂର, ସୁଗନ୍ଧ ଅଗୁରମିଶା ଜଳରେ ବୁଡ଼ାଇ ପଥଚାରୀଙ୍କ ଶରୀରକୁ ପୋଛା ଯାଇଥାଏ। ପରେ ଏହାକୁ ମୁଖ ଓ ମୁଣ୍ଡରେ ୫/୧୦ମିନିଟ୍ ପକାଯାଇଥାଏ। ଏହାର ଶୀତଳତା ପ୍ରଭାବରେ ଲୋକଙ୍କୁ କିଛି ସମୟ ଲାଗି ଆଶ୍ୱସ୍ତି ମିଳିଥାଏ। ଏଭଳି ଶୀତଳ ବାଙ୍ଗ ସହ ଲୋକଙ୍କୁ ମହାପ୍ରସାଦରୁ ପ୍ରସ୍ତୁତ ଟଙ୍କ ତୋରାଣି ପ୍ରଦାନ କରାଯାଇଥାଏ। ସେମାନେ ଏହାକୁ ଆନନ୍ଦରେ ପିଇଥାନ୍ତି। ପରେ ସେଠାରେ ରଖାଯାଇଥିବା ଡାଏରୀରେ ନିଜ ଅନୁଭୂତି ଲେଖନ୍ତି। ଗତ ୧୭ବର୍ଷ ଧରି ଏଭଳି ସେବା ଯୋଗାଇ ଦିଆଯାଉଥିବା ତ୍ରିପାଠୀ କହିଛନ୍ତି। ହରିୟାଣାରୁ ଆସିଥିବା ମହେନ୍ଦ୍ର କୁମାର କହିଛନ୍ତି, ଏଭଳି ସେବା ଆଗରୁ କେବେ ଦେଖିନାହିଁ। ବେଳାଭୂମିରୁ ଫେରିବାବେଳେ ଏଠାରେ ଶୀତଳ ବାଙ୍ଗର ମଜା ନେଇଥିଲି। ବହୁତ ଭଲ ଲାଗିଲା। ପୁରୀର ଯୁବ ସାମାଜିକ କର୍ମୀ ସୌମ୍ୟରଞ୍ଜନ ପାତ୍ର କହିଛନ୍ତି, ସ୍ୱଳ୍ପ ସମୟ ହେଲେ ମଧ୍ୟ ଏହା ଶରୀରକୁ ବେଶ୍ ଆରାମ ଦିଏ। ଏଥିସହ ଟଙ୍କ ତୋରାଣି ବହୁତ ଭଲ ଲାଗେ। ଭୁବନେଶ୍ୱରର ରାଜେଶ କୁମାର ସାହୁଙ୍କ ମତରେ ଏଭଳି ସେବା ପ୍ରଦାନ କରୁଥିବା ଅନୁଷ୍ଠାନର ସଦସ୍ୟମାନେ ପ୍ରକୃତରେ ଧନ୍ୟବାଦ ଓ ପ୍ରଶଂସାର ପାତ୍ର।

■ ସିଦ୍ଧ ମହାବୀର ରେଳଫାଟକ ଉପରେ ଓଭରବ୍ରିଜ ନିର୍ମାଣ ହେଉନି

# ପ୍ରତିଶ୍ରୁତି ଦେଇ ଭୁଲିଯାଇଛି ପ୍ରଶାସନ

## ଚଳିତ ନିର୍ବାଚନରେ ପ୍ରାର୍ଥୀଙ୍କ ଏଜେଣ୍ଡା ରହିଥିଲା

**ପୁରୀ ଅଫିସ, ୩୦।୪**



ପୁରୀ ସିଦ୍ଧମହାବୀର ନିକଟରେ ଥିବା ରେଳଫାଟକ।

ପୁରୀ-କୋଣାର୍କ ଜାତୀୟ ରାଜପଥର ସିଦ୍ଧ ମହାବୀରଠାରେ ରହିଛି ଏକ ରେଳଫାଟକ। ଏହା ସହର ମଧ୍ୟ ଦେଇ ଯାଇଛି। ପ୍ରତି ୧୦ରୁ ୧୫ମିନିଟ୍ ବ୍ୟବଧାନରେ ଟ୍ରେନ ଚଳାଚଳ କାରଣରୁ ଅଧିକାଂଶ ସମୟରେ ଏହି ଫାଟକ ବନ୍ଦ ରହୁଛି। ଫଳରେ ଅଞ୍ଚଳବାସୀଙ୍କ ସମେତ ପର୍ଯ୍ୟଟକମାନେ ଅସୁବିଧା ଭୋଗୁଛନ୍ତି। ଏପରି କି କୌଣସି ରୋଗୀଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ଅଟକି ରହିବାକୁ ବାଧ୍ୟ ହେଉଛି। ପ୍ରକାଶ ଯେ, ଓଭରବ୍ରିଜ ନିର୍ମାଣ ଦାବିରେ ଜନ ଜାଗରଣ ମଞ୍ଚ ଗତ ଏକ ମାସ ଧରି ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଛି। ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଗଠିତ ଓଭରବ୍ରିଜ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ମଧ୍ୟ ପୂର୍ବରୁ ଏ ନେଇ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ସିଦ୍ଧ ମହାବୀର ରେଳଫାଟକ ଉପରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତାହାକୁ ପ୍ରଶାସନ ଭୁଲିଯାଇଛି। ଏପରି କି ବ୍ରିଜ ନିର୍ମାଣ ନେଇ ବଜେଟ ସରିଛି, ଖୁବ୍‌ଶୀଘ୍ର ଟେଣ୍ଡର ଡକାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଚଳିତ ନିର୍ବାଚନ ପୂର୍ବରୁ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କହିଥିଲେ। ତାହା ଏବେ ପାଣିର ଗାର ପାଲଟିଥିବା ଜନ ଜାଗରଣ ମଞ୍ଚ ଆବାହକ ଜ୍ୟୋତି ରଞ୍ଜନ ନାୟକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏ ସଂକ୍ରାନ୍ତରେ ପୂର୍ବରୁ ଜିଲା ପ୍ରଶାସନଠାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା, କିନ୍ତୁ ସୁଫଳ ମିଳିନାହିଁ। ଯୁବ ନେତା ଅମରେନ୍ଦ୍ର ପାଇକରାୟ କହିଛନ୍ତି, ରେଳଫାଟକ ବନ୍ଦ ଯୋଗୁ ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏହି ସମୟରେ ୧କି.ମି. ପର୍ଯ୍ୟନ୍ତ ଯାନବାହନ ଅଟକି ରହୁଛି। ଛାତ୍ରୀଛାତ୍ରମାନେ ଫାଟକ ଦେଇ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଭରବ୍ରିଜ ନିର୍ମାଣ କରାଯିବା ଆବଶ୍ୟକ। ଯୁବ ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି ଯେ, ଚଳିତ ସାଧାରଣ ନିର୍ବାଚନରେ କେତେକ ଦଳର ଏଜେଣ୍ଡାରେ ଓଭରବ୍ରିଜ ନିର୍ମାଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ତେଣୁ ନିର୍ବାଚନ ପରେ ଦଳୀୟ ପ୍ରାର୍ଥୀମାନେ ଏହାକୁ ଭୁଲିଯିବା ଉଚିତ ହେବନାହିଁ।